AMARISATYA ଆମରିସତ୍ୟ
Estd.: 2006
ODISHA

ମାସିକ ଇ-ପତ୍ରିକା

# ଆମ କବିତା

- ଦ୍ୱିତୀୟ ବର୍ଷ
- ଦ୍ୱାଦଶ ସଂଖ୍ୟା
- ଡିସେମ୍ବର ୨୦୨୩



# ଶ୍ରଦ୍ଧାଞ୍ଜଳି



ଏ ମାଟି ଝୁରୁଛି ଏବେ କବି ତୁମେ ଦୂରେ ଚାଲିଗଲ
ଆମ ପାଇଁ ଛାଡ଼ିଦେଇ ସ୍ମୃତିଭିଜା ଲୁହର ଗଜଲ
ଆକାଶଟା ଶୂନଶାନ୍ ଉଡୁନାହିଁ ଶବ୍ଦର ଚଢ଼େଇ
ବର୍ଷା-ବସନ୍ତ-ବୈଶାଖ ଝୁରେ ଆଜି ଖାସ୍ ତମ ପାଇଁ
ହେ' କାଳଜୟୀ,
୰ ଯମେଶ୍ୱର କହଲସିଂହ,
ପ୍ରିୟ କବିବର
ଘେନ ଆମ ସ୍ମୃତି ଶ୍ରଦ୍ଧାଞ୍ଜଳି
ପ୍ରାପ୍ତ ହୁଅ ବଇକୁଣ୍ଠପୁର।।

ଆମରି ସତ୍ୟ ପରିବାର ତରଫରୁ ବିନମ୍ର ଶ୍ରଦ୍ଧାଞ୍ଜଳି

# ଆମ କବିତା

ଦ୍ୱିତୀୟ ବର୍ଷ ❖ ଦ୍ୱାଦଶ ସଂଖ୍ୟା ❖ ଡିସେମ୍ବର ୨୦୨୩


**ମାର୍ଗଦର୍ଶକ**

ଡ. ପ୍ରମୋଦ ଚନ୍ଦ୍ର ଦାଶ

**ସମ୍ପାଦକ**

ନିଶିକାନ୍ତ କହଲସିଂହ

**ଉପଦେଷ୍ଟା ମଣ୍ଡଳୀ**

ସମରଜିତ ପଟ୍ଟନାୟକ

ବାବାଜୀ ଚରଣ ଜେନା

ବିଭୁପ୍ରସାଦ ହରିଚନ୍ଦନ

**ସହଯୋଗୀ ସମ୍ପାଦକ ମଣ୍ଡଳୀ**

ତ୍ରିଲୋଚନ ଦାସ

ରଶ୍ମିତା ନାୟକ

ବାସନ୍ତୀ ଦେଈ

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**

ରାଜୀବ ରଥ

ପ୍ରୀତମ ବଳିୟାରସିଂହ



ଆମରି ସତ୍ୟ


ଏମ-୧/୫, ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ କଲୋନୀ, ପୋଷ୍ଟ : ପି ଏନ କଲେଜ, ଖୋର୍ଦ୍ଧା - ୭୫୨୦୫୭, ଓଡ଼ିଶା

ଯୋଗାଯୋଗ : ୯୪୩୭୨୮୧୬୫୫, **email : amarisatya@gmail.com**

# ସମ୍ପାଦକୀୟ



ମାଟି.... ଆମ ମାଆଟି !!!
ଆସ ଆଜି ଏହି ପ୍ରଶ୍ନଟି ନିଜକୁ ପଚାରିବା !!
ଜୀବନର ସଂରଚନା ପାଇଁ ପ୍ରଥମ ଆବଶ୍ୟକତା ମାଟିର।
ଯାହା କୋଳରେ ଜନ୍ମ ନେଇ ତା' ଛାତିରେ ହସିଖେଳି,
ଘରସଂସାର କରୁ ଆମେ.... ତା'ଦ୍ୱାରା ପ୍ରତିପାଳିତ ହୋଇ
ଏମିତିକି ଈଶ୍ୱରଙ୍କ ପାଖରେ ପ୍ରାର୍ଥନା କରିବା ପାଇଁ ମାଟି ଦୀପଟିଏ ମଧ୍ୟ ଜାଳୁ....
ଶେଷରେ ମୁଠାଏ ମାଟି ହୋଇ ତା' ଭିତରେ ଲୀନ ବି ହେଇଯାଉ......
କିନ୍ତୁ ସାରା ଜୀବନରେ ଥରେ ସମୟ ଜୁଟାଇ ପାରୁନା ....
ତା' ପ୍ରତି କୃତଜ୍ଞତା ଜ୍ଞାପନ କରିବାକୁ !!!
ବଂର କୃତଘ୍ନ ହୋଇ କ୍ଷତାକ୍ତ କରୁ..... !!!
ବାରମ୍ବାର ପରୀକ୍ଷା ନେଉ ତା' ସହନଶୀଳତାର....!!!
ମାଟିକୁ ଦେଖିଛନ୍ତି ତ' ସମସ୍ତେ.....!!
ହେଲେ ବୁଝିଛନ୍ତି କେତେ ଜଣ ???
ମୁଠାଏ ଅଧେ ଜଗି ବସିଛନ୍ତି ସୀମାରେଖା ପାଖରେ......
ଆଉ ମୁଠେ ମାଟିରେ ମାଟି ହୋଇ ଯୋଗାଡ଼ କରୁଛନ୍ତି ଅନ୍ନସଂସ୍ଥାନ....
ଏତିକିଙ୍କୁ ଛାଡ଼ି ତାକୁ ବୁଝିଛି କିଏ ?
ଚାଲନ୍ତୁ ଆଜି ସମସ୍ତେ......
ଅନ୍ତତଃ ମାଟିକୁ ବୁଝିବାକୁ ଚେଷ୍ଟା ତ' କରିବା !!
ଲେଖନୀରେ ନିଜ ଛାତିରେ ଲେଖିବା-
"ଆସ ମାଟିକୁ ଭଲପାଇବା"
ତା'ର ମାନସମ୍ମାନ ରକ୍ଷାପାଇଁ ନିଜ ହାତରେ ଘୋଡ଼ାଇଦେବା ସବୁଜ ଓଢଣୀ.....
ତା'କୁ ରଖିବା ସ୍ୱଚ୍ଛ ପବିତ୍ର....
କଣ୍ଟାବାଡ଼ ଦେଇ ଭାଗ ଭାଗ କରିବାନି ତା'ର ଛାତିକୁ।
ହସେଇବା ଆମ ମାଟି ମାଆକୁ.....
ବାସ୍ ଏତିକି କୃତଜ୍ଞତା।
ମା' ତା'ର ସନ୍ତାନଠାରୁ ଅଧିକ କେବେ ଚାହେଁ କି???



| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୧. | ତୁମେ....... | ସୁକାନ୍ତି ମିଶ୍ର | ୮ |
| ୨. | ମାଟି କେବେହେଲେ ମାପିଦେଇଛି କି | ସୁରଞ୍ଜନ ପାତ୍ର | ୯ |
| ୩. | ରାତ୍ରି ଦାସ | ପୂର୍ଣ୍ଣ ଦାସ | ୧୦ |
| ୪. | ମାଟି ମାଆ | ରମେଶ ମଙ୍ଗରାଜ | ୧୧ |
| ୫ | ବର୍ଷା ନୁହେଁ ମହୁଫରେ | ବାବାଜୀ ଚରଣ ଜେନା | ୧୨ |
| ୬. | ମୁରଲୀ ପ୍ରୀତି | ମନୋଜ ପଟ୍ଟନାୟକ | ୧୩ |
| ୭. | ମାଟି | ଟୁନପ୍ରିୟା ସ୍ୱାଇଁ | ୧୪ |
| ୮. | ମାଟି ସେତ ମାଁ ଟି | ଆଶୁତୋଷ ମେହେର | ୧୬ |
| ୯. | ମାଟି ମୋ' ମାଆର ବଳ | ତାରାପ୍ରସାଦ ଜେନା | ୧୭ |
| ୧୦. | ମାଟି | ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର | ୧୮ |
| ୧୧. | ମାଟି | ଦିବାକର ନାୟକ | ୧୯ |
| ୧୨. | ମାଟିର ମହକ | ସବିତା ମହାପାତ୍ର | ୨୦ |
| ୧୩. | ଏଇ ମାଟି ଆମ ମାଆଟି ପରା.... | ଜୟନ୍ତୀ ସ୍ୱାଇଁ | ୨୧ |
| ୧୪. | ମାଟି | ସୁହଂସ ଭୋଇ | ୨୨ |
| ୧୫. | ମାଟି | ପ୍ରଜ୍ଞା ମହାନ୍ତି | ୨୩ |
| ୧୬. | ମାଟି | ସୁଲୋଚନା ସ୍ୱାଇଁ | ୨୪ |
| ୧୭. | ମୋ' ମାଟି ମାଆ | ସଂଯୁକ୍ତା ମହାପାତ୍ର | ୨୫ |
| ୧୮. | ମାଟିମନସ୍କ | ସୁନନ୍ଦା ମହାନ୍ତି | ୨୬ |
| ୧୯. | ଜନ୍ମମାଟି... | ଜିତେନ୍ଦ୍ର କୁମାର ନାୟକ | ୨୭ |
| ୨୦. | ମାଟି | ପଙ୍କଜିନୀ ଉପାଧ୍ୟାୟ | ୨୮ |
| ୨୧. | ସେଇ ମାଟି'ପରେ | ସୁମିତା ବେହେରା ବାପି | ୨୯ |
| ୨୨. | ଖାଲି ମାଟି ଆଉ ମାଟି | ପୁଷ୍ପାଞ୍ଜଳି ପଣ୍ଡା | ୩୦ |
| ୨୩. | ମାଟି | ଡକ୍ଟର ଚପଳା ପଣ୍ଡା | ୩୧ |
| ୨୪. | ମାଟି ମାଆ | କାହ୍ନୁ ଚରଣ ମିଶ୍ର | ୩୨ |
| ୨୫. | ମାଟିମାତୃକା | ଅମୀୟ କୁମାର ସାହୁ | ୩୩ |

| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୨୬. | ମାଟି(ହାଇକୁ) | ଦୀନକୃଷ୍ଣ ମହାପାତ୍ର | ୩୪ |
| ୨୭. | ଏଇ ମୋ' ପ୍ରିୟ ଜନମ ଭୂଇଁ | ବୈଶାଳୀ ସାହୁ | ୩୫ |
| ୨୮. | ମାଟି | ପଦ୍ମଲୋଚନ ସାହୁ | ୩୬ |
| ୨୯. | ମାଟି | ସୌଦାମିନୀ ସାହୁ | ୩୭ |
| ୩୦. | ମାଟି ମାଆ | ଡ. ସନ୍ତୋଷ କୁମାର ପଣ୍ଡା | ୩୮ |
| ୩୧. | ମାଟି | ଚନ୍ଦ୍ରକଳା ଦେବୀ | ୩୯ |
| ୩୨. | ମାଟି | ଜ୍ୟୋତିପ୍ରଭା ପଟ୍ଟନାୟକ | ୪୦ |
| ୩୩. | ମାଟି | ବୀଣାପାଣି ଦେବୀ | ୪୧ |
| ୩୪. | ମାଟିର ମଣିଷ | ସନ୍ତୋଷିନୀ ଦାଶ | ୪୨ |
| ୩୫. | ମାଟି ମାଆ | ରୋଜାଲିନ୍ ପଟ୍ଟନାୟକ | ୪୩ |
| ୩୬. | ମାଟି | ତଫିଜୁଲ ହୋସେନ | ୪୪ |
| ୩୭. | ମାଟି | ଆରତୀ ପ୍ରହରାଜ | ୪୫ |
| ୩୮. | ମାଟି | ସୂର୍ଯ୍ୟକାନ୍ତି ଦାଶ | ୪୬ |
| ୩୯. | ମାଟି | ମିନତୀ ଶତପଥୀ | ୪୭ |
| ୪୦. | ମାଟି | ବିଷ୍ଣୁପ୍ରିୟା ପ୍ରତାପ ସିଂ | ୪୮ |
| ୪୧. | ମାଟି ଆମରି ମାଆ | ସଞ୍ଜୁକ୍ତା ଚମ୍ପତିରାୟ | ୪୯ |
| ୪୨. | ମାଟି | ଅଶେଷ ଲୋଚନ ଆଚାର୍ଯ୍ୟ | ୫୦ |
| ୪୩. | ମାଟି | ନଳିନୀ ପ୍ରଭା ଦାସ | ୫୧ |
| ୪୪. | ମାଟି | ଅଳକା ଦାସ | ୫୨ |
| ୪୫. | ମାଟି ମାଆ | ନଳିନୀ ପ୍ରଭା ମିଶ୍ର | ୫୩ |
| ୪୬. | ମାଟି | ସ୍ୱପ୍ନାରାଣୀ ପାଣିଗ୍ରାହୀ | ୫୪ |
| ୪୭. | ମାଟି | ଜ୍ୟୋସ୍ନାରାଣୀ ପଟ୍ଟନାୟକ | ୫୫ |
| ୪୮. | ମାଟି | ସୀମା ମେହେର | ୫୬ |
| ୪୯. | ମାଟି | ବିଶ୍ୱନାଥ କର | ୫୭ |
| ୫୦. | ଏଇ ମୋ' ମାଟି ମାଆ | ସୁରାତ୍ରୀ ପ୍ରଧାନ | ୫୮ |

| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୫୧. | ମାଟି | ବିଳାସିନୀ ଦାଶ | ୫୯ |
| ୫୨. | ମାଟି | ପ୍ରତିମା ମହାରଣା | ୬୦ |
| ୫୩. | ମୁଠାଏ ମାଟି | ସସ୍ମିତା ସାହୁ | ୬୧ |
| ୫୪. | ଜନ୍ମମାଟିର ଜୟଗାନ | ଡ. ଶରଚ୍ଚନ୍ଦ୍ର ମହାପାତ୍ର | ୬୨ |

# ତୁମେ.......

ସୁକାନ୍ତି ମିଶ୍ର



ତୁମେ ସରାଗର ସବୁଜିମା ଓଠେ
ବନ ବିଥିକାର ଖୁସି
ଲାଜେ ଛକଛକ କୁରେଇ ଫୁଲରେ
ହସଟିଏ ବାରମାସୀ
କାକର ଚଞ୍ଚୁରେ କାକଳି ବା ମିଠା
ବରଷାର ଆଶାବରୀ
ରତୁ ହାତବୁଣା ରୁମାଲରେ ତୁମେ
ପ୍ରୀତିଫୁଲ କାରିଗରୀ....(୦)

କୃଷ୍ଣଚୂଡ଼ାର ବଧୂଲୀ ଅଧରେ
ନିଦାଘକୁ ଆଣ ଡାକି
କେବେ ଡାକିଆଣେ ଆଷାଢ ଶ୍ରାବଣ
ତୁମ ଭିଜା ଦୁଇଆଖି
କଅଁଳ ଶୀତରେ ମଗୁଶିର ଆସେ
ଧଳାଧାନ ବେଣୀ କରି
ରତୁ ହାତବୁଣା ରୁମାଲରେ ତୁମେ
ପ୍ରୀତିଫୁଲ କାରିଗରୀ.....(୧)

ତୁମେ ଛୁଇଁଦେଲେ ମହମହ ବାସେ
ଉଦାସୀ ମନର ଗାଆଁ
ଶାଳବଣ ଛାଇ କେବେ ରୂପାନଈ
ଡାକୁଥାଏ ଧରି ନାଆଁ
ଷଠିଘର ମୋର ତୁମରି ନାଆଁରେ
ତୁମ କୋଳେ ଯିବିଫେରି....
ରତୁ ହାତବୁଣା ରୁମାଲରେ ତୁମେ
ପ୍ରୀତିଫୁଲ କାରିଗରୀ...(୨)

ସାରସ୍ୱତ ନଗର,
ସିଦ୍ଧମହାବୀର, ପୁରୀ

# ମାଟି କେବେହେଲେ ମାପିଦେଇଛି କି



## ସୁରଞ୍ଜନ ପାତ୍ର

ମାଟି କେବେହେଲେ ମାପିଦେଇଛି କି
ମଣିଷକୁ ତା'ର ଦେହ
ତଥାପି କାହିଁକି ଏ ମଣିଷ ଜାତି
ନିତି କରେ ତା'କୁ ଦାହ।।

ନଈକୁ ମଶାଣି ସଜେଇ ଦେଇଛି
କାହାର ଆଦିମ ଭୋକ
କାହା ପାଇଁ ଏଠି ସାରା ଉପବନେ
ଶୋକ ଖାଲି ଭରା ଶୋକ ।

ଅମୃତ ଲଗ୍ନା ପୃଥିବୀ ଆଖିରେ
ଆଜି କିଆଁ ଏତେ ଲୁହ
ମାଟି କେବେହେଲେ ମାପିଦେଇଛି କି
ମଣିଷକୁ ତା'ର ଦେହ।।

ତୀରବିଦ୍ଧ ଯେ କିଏ ସେ କରିଲା
ସକାଳ ପକ୍ଷୀର ଛାତି
ଅରୁନ୍ଧତୀର ଆକାଶେ ବିରଳ
ଦୁଃଖ ଖେଳେ କିଆଁ ନିତି।

ଦୁର୍ଲଭ ତେବେ ଏ ଜୀବନ ସତେ
କେଉଁ କୂଳକୁ ଯେ କୁହ
ମାଟି କେବେହେଲେ ମାପିଦେଇଛି କି
ମଣିଷକୁ ତା'ର ଦେହ।।

**ସଂପାଦକ-ନୀହାରକନ୍ୟା ସାହିତ୍ୟ ସଂସଦ,**
**ନୂଆଗାଁ, ଶିଙ୍ଗାଖୁଣ୍ଟା, ସୋର, ବାଲେଶ୍ୱର -୭୫୬୦୪୫**



# ରାତ୍ରି ଦାସ

ପୂର୍ଣ୍ଣ ଦାସ

ଯେଣେ ଚାହେଁ,ତେଣେ ଦିଶେ
ରାତ୍ରି ଦାସ ମୁହଁ,
ରାତ୍ରି ଦାସ ମୁଠେ ମାଟି
ମୁଁ ତା'  ହସଲୁହ ।

ମାଟି ଅଗଣାରେ ମୋର
ସେ ପୋଷେ ନିଃଶ୍ୱାସ,
ଜୀବନର ସ୍ୱରଲିପି
ମଧୁର ବିଶ୍ୱାସ ।

ରାତ୍ରି ଦାସ ଗପ ନୁହେଁ
ମେଘ ଜହ୍ନ ତାରା,
ତା'ପାଇଁ ଛାତିରେ ମୋର
ହେନାବାସ ଭରା ।

ରାତ୍ରି ଦାସ ନୁହେଁ ଭୟ
ଭୋକ ଅବା ଦୁଃଖ,
ଆକାଶୀ ନୀଳ କାଗଜେ
ଲେଖା ମିଠାଗପ ।

ସେ ଜଳେନି, ଜାଳେ ନାଇଁ
ଛୁଇଁଯାଏ ଛାତି,
ରାତ୍ରି ଦାସ ନୀଳତୃଷ୍ଣା
ଛାତିତଳ ତାତି ।

କଣ୍ଟାବଣିଆ,ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର-୭୫୫୦୧୩



# ମାଟି ମାଆ

## ରମେଶ ମଙ୍ଗରାଜ

ମାଟିରେ ଜନମ ମାଟିରେ ମରଣ
ମାଟି ପରା ଆମ ମାଆ
ଯେଉଁଠି ଥିଲେ ବି ମାଟି ମାଆ ଡାକେ
ଆ ମୋ' କୋଳକୁ ଆ.. ।୦।

ମାଟିର ମହକ ଦିଅଇ ପୁଲକ
ଗରବେ ଫୁଲଇ ଛାତି
ଇଚ୍ଛା ହୁଏ ତାର କାନି ପଣତରେ
ବାନ୍ଧିହୋଇ ରହିଯାନ୍ତି...
ସମୟଟା ମୋତେ ବାଟବଣା କରେ
ଲଗାଇ ଜଂଜାଳ ମାୟା ।୧।
ମାଟିରେ ଜନମ.....

ମୋ' ଗାଆଁ ମାଟିର କାଦୁଅ ପଙ୍କରେ
ମମତା ରହିଛି ଭରି
ଭାବେ ମୁହିଁ ବସି ତାଆରି ସେବାରେ
ଦିନ ଯାଉ ମୋର ସରି
ମିଶିଯାଉ ଶେଷେ ଏ ଘଟ ମାଟିରେ
ରଖି ମୋ' ମାଟିର ନାଁଆ... ।୨।
ମାଟିରେ ଜନମ.....

କବି ଓ କବିତା ଭବନ
ମହୁଲ, ଅଙ୍ଗାରପଡା
ଖୋର୍ଦ୍ଧା-୭୫୨୦୫୪

# ବର୍ଷା ନୁହେଁ ମହୁଝରେ

**ବାବାଜୀ ଚରଣ ଜେନା**



ବର୍ଷା ନୁହେଁ ମହୁଝରେ
ଏଇ ମାଟି ଅଗଣାରେ
ବର୍ଷା ଆସି ଅଛି ଆଜି
ଅନେକ ଦିନର ପରେ
ଆସ ନାଚି ଯିବାସାଥି ରିମଝିମ ଗୀତସୁରେ,,,,,,,।୦।

ତମେ ଥିବ ପାଖାପାଖି
ପ୍ରୀତିର କଜଳ ମାଖି
ଆନମନା କରୁଥିବ
ଆଖିରେ ଆଖିକୁ ରଖି
ହଜିଯିବା ଆମେ ଦୁହେଁ
ଏଇ ମେଘ ଅନ୍ଧାରରେ
ଚପଳା ଚମକେ ଦେଖ ଆକାଶର ବୁକୁପରେ,,,,।୧।

ପାଖରେ ମୋ' ଥିବ ତମେ
ଭରିଦେଇ କେତେ ସ୍ୱପ୍ନ
ଦୁଷ୍ଟାମୀ ବି କରୁଥିବ
ଅମାନିଆ ଏ ପବନ
ଆସ ଚିତ୍ର ଆଙ୍କିବା ଗୋ
ଭିଜିଭିଜି ବରଷାରେ
ହଜିଯିବା ଆସ ଦୁହେଁ ସାଗରର ବେଳାପରେ,,,।୨।

ଅହଲ୍ୟା ନିବାସ, ପୋପରଡା,
ନୂଆବଜାର, କଟକ- ୪,



# ମୁରଲୀ ପ୍ରୀତି

## ମନୋଜ ପଟ୍ଟନାୟକ

ତତଲା ଗ୍ରୀଷ୍ମର ଜଳନ ନିଆଁରେ
ଯେବେ ଜଳେ ରାତିଦିନ
ମନୋଇ ବର୍ଷାର ଚହଲା ଛୁଆଁରେ
ଭିଜିଯାଏ ତନୁମନ ।୦।

ନିଦାଘ ଋତୁର ଟାଆଁସାପଣରେ
ମିଳେନା କଅଁଳ ଡାକ
ଚତୁରୀ ବର୍ଷା ତ ଆପଣାପଣରେ
ଅଜାଡ଼େ ଶୀତଳ ସୁଖ,
କଦମ୍ବ ଛାତିର କମ୍ପନ ଖେଳରେ
ଦିଶେନା ଧୂସର ଚିହ୍ନ ।୧।
ତତଲା ଗ୍ରୀଷ୍ମର.........

ଶରତ ଆକାଶ ନୀରିହପଣରେ
ଭୁଲେନା ପାର୍ବଣ ରାତି
ଗେହ୍ଲେଇ ବର୍ଷା ତ ଗେହ୍ଲେଇପଣରେ
ଝରେ ମୁରଲୀ ପ୍ରୀତି,
ନିରୋଳା ମାଟିର ମଉନ ଆଖିରେ
ବର୍ଷୁକୀ ମେଘର ସ୍ୱପ୍ନ ।୨।
ତତଲା ଗ୍ରୀଷ୍ମର........

'ଆଶ୍ରୟ'
ପ୍ଲଟ୍ ନଂ-ଡି/୯୯, ସେକ୍ଟର- ୭
ମର୍କତନଗର, କଟକ-୭୫୩୦୧୪

# ମାଟି

ଟୁନପ୍ରିୟା ସ୍ୱାଇଁ



ମାଟି ବୋଲି ଯେଉଁ ଦୁଇଟି ଅକ୍ଷର,
ତା' ମଧ୍ୟରେ ମାଆ ଅଛି
ଜନନୀ ଆଉ ମୋ' ଜନ୍ମ ମାଟି ନିଷ୍ଟେ,
ପୂଣ୍ୟ ପାଇଁ ପ୍ରାପ୍ତ କିଛି। (୧)

ମାଆ କୋଳୁ, ଆସି ମାଟି ମାଆ କୋଳେ,
ଦୁନିଆଁ ପାରୁଛେ ଦେଖି
ଏହି ମାଟି ମାଆ, ଜଳ, ବାୟୁ, ଜୀବ,
ଗୋଟି ଗୋଟି ସାଇତିଛି। (୨)

ପ୍ରାକୃତିକ ପରିବେଶ ପାଇଁ ଲୋଡ଼ା,
ଜଳ, ସ୍ଥଳ, ବାୟୁ, ଜୀବ
ଅଜୈବ ତିନୋଟି, ଗୋଟିଏ ଯେ ଜୈବ,
ଏକଥା ମନେ ରଖିବ। (୩)

ଉଦ୍ଭିଦ ଓ ପ୍ରାଣୀ, ଜୈବ ମଣ୍ଡଳ ଯେ,
ଭୂପୃଷ୍ଠ ମାଟିରେ ବଢ଼େ
ଖାଦ୍ୟ, ବସ୍ତ୍ର, ବାସଗୃହ ପାଇ ନର,
ମାଟି ମାଆ କୋଳେ ଗଢ଼େ। (୪)

ଉଦ୍ଭିଦ ମାଟିରୁ ଜଳୀୟ ପଦାର୍ଥ ,
ଖଣିଜ ଦ୍ରବଣ ଶୋଷି
ମହା ଆନନ୍ଦରେ, ସୂରୁଜ ଚନ୍ଦ୍ରଙ୍କୁ,
ଅପଲକେ ଥାଏ ଦେଖି। (୫)

ମାଟିରୁ ଉଡ଼ି, ପକ୍ଷୀ, କୀଟ, ପତଙ୍ଗ
ଆସନ୍ତି ଭୂମିକୁ ଫେରି
ଜିଆ, ସରୀସୃପ, କୁଳିରକ ଜୀବେ,
ଥା'ନ୍ତି ତଳେ ଗର୍ତ୍ତ କରି। (୬)

ମାଟି ଆଧାରରେ ଜଳରାଶି ମାନ
ଉଲ୍ଲାସେ ଦୋଳାୟମାନ
ଜଳଚର, ସ୍ଥଳଚର ଜୀବ ଆଦି,
ଆଶ୍ରିତ ଯେ ରାତ୍ର, ଦିନ। (୭)

ମାଟି ତ, କଠିନ, ତରଳ, ଗ୍ୟାସୀୟ,
ପଦାର୍ଥର ସମାହାର
ଶିଳାରେଣୁ, ଜୈବପଦାର୍ଥ, କଠିନ,
ଜଳ ତରଳ ଏହାର। (୮)

ଅମ୍ଳଜାନ, ଯବକ୍ଷାରଜାନ ସାଥେ,
ଥାଏ ଅଙ୍ଗାରକ ଅମ୍ଳ
ଉକ୍ତ ବାଷ୍ପ, ମାଟି ରନ୍ଧ୍ରରେ ରହି,
ଫସଲ କରେ ଅମଳ। (୯)

କଠିନ ଶିଳା ଯେ ଚୂର୍ଣ୍ଣିଭୂତ ହୋଇ,
ସଂଗଠିତ ଶିଳା ରେଣୁ
ଜୈବାଂଶ ସଂଯୋଗେ, ବାୟୁ ସହଯୋଗେ
ପରିବର୍ତ୍ତନ ତ ଏଣୁ। (୧୦)

*ଅବଶିଷ୍ଟ ଅଂଶ ପରବର୍ତ୍ତୀ ପୃଷ୍ଠାରେ...*

ଏକ ସେ. ମି. ମାଟି ଗଠନ ପାଇଁକି,
ଶହ ଶହ ବର୍ଷ ଲୋଡ଼ା
କଷ୍ଟେ ଉପାର୍ଜିତ ମାଟି ଯତ୍ନ ଲାଗି,
ସଜାଗେ ହୋଇବା ଛିଡ଼ା। (୧୧)
ଗୋଡ଼ି, ବାଲି, ମାଟି, କର୍ଦମ ନାମେ,
ଚାରି ଭାଗେ ମାଟି ଗଢ଼ା,
ଦୋରସା ମାଟିଟି ସବୁଠୁ ଉର୍ବର,
ଫସଲେ କରଇ ପୂରା। (୧୨)
ପ୍ରାଣଠାରୁ ବଡ଼ ମାଟି ମା' 'ଆଜି,
ହେଉଛି କି ନାରଖାର,
ଜନ ବିସ୍ଫୋରଣ, ସହରୀ କରଣ,
ପଲିଥିନ ଆବରଣ। (୧୩)
ପ୍ଲାଷ୍ଟିକମୟ ଏ ସାରା ଜଗତ,
ମାଟିକୁ କରୁଛି ନଷ୍ଟ,
ଜଳସ୍ତର ସବୁ ରୋକିଦେଇ, ବନ୍ୟା,
ବିପ୍ଳାତ ଦେଉଛି କଷ୍ଟ। (୧୪)

ରସାୟନ ସାର ପ୍ରୟୋଗ ପାଇଁକି,
ଉର୍ବରତା ଯାଏ କମି,
କୀଟ ନାଶ ଦ୍ରବ୍ୟ, ସ୍ଥଳଚର ଜୀବ,
ପାଇଁ ଅଦିନ ସୁନାମି। (୧୫)
ଗୁଳି ଗୋଳା ଧୂଆଁ, ବୋମା ବିସ୍ଫୋରଣେ,
ମାଟିହୁଏ ଧ୍ବଂସ ସ୍ତୁପ,
ଜୀବ ଭବିଷ୍ୟତ ଅନ୍ଧକାରମୟ,
ବର୍ବରତା ଅଭିଶାପ। (୧୬)
ଆସନ୍ତୁ ସଭିଏଁ ବୁଝିବା କାରଣ
ମାଟିର ଯତନ ନେବା,
ପ୍ଲାଷ୍ଟିକ ଜରି, ମୃତ୍ତିକାର ରିପୁ,
ବ୍ୟବହାର ନ କରିବା। (୧୭)
ମାଟି ନୁହେଁ ଏହା ହୃଦୟ ସ୍ପନ୍ଦନ
ଜନ୍ମ, ମୃତ୍ୟୁ ଏହା ପରେ
ଆମ୍ଭ କୈନ୍ଦ୍ରିକ, ହିଂସା ଦ୍ୱେଷ ଭୁଲି
ଗାଇବା ମାଟି ଜୟରେ। (୧୮)

ଅସ୍ତରଙ୍ଗ, ପୁରୀ

# ମାଟି ସେତ ମାଁ ଟି

**ଆଶୁତୋଷ ମେହେର**



ମହକ ତାହାରି ଫୁଲୁ ବଳିଆନ
ଜୀବନରେ ମହମହ,
ବାସ ଚନ୍ଦନ ସେ ମହକାଇ ଧୁଏ
ପରାଣର ସବୁ କୋହ ।।
ଝରଣା ନଈ ତା' ଅମୃତର ଧାର
ରୁଧିର ମୋ' ଦେହ ସାରା,
ପବନ ଚହଲେ ପରାଣ ଶଙ୍ଖାଳେ
ନିଃଶ୍ୱାସ ପ୍ରଶ୍ୱାସେ ଭରା ।।
ବାଡି ବିଲ ବଣ ସାଥେ ହସୁଥାଏ
ବୁଢ଼ା ବରଗଛ ଛାଇ,
ଆମ୍ବ ତୋଟାମାଳ ଦୂର ତାଳବଣେ
ଜୀବନଟା ହୁଏ ବାଇ ।।
ସକାଳ ମୁରୁଜ ସୁରୁଯ କଅଁଳ
ପଦୁଅଁ କଢ଼ିର ହସ,
ଠାକୁର ମନ୍ଦିରେ ପରମାତ୍ମା ପୂଜା
ଚୁଆ ଚନ୍ଦନର ବାସ ।।

ଗୋଧୂଳି ପରଶେ ତୁଳସୀ ମହକ
ଚଉଁରାରେ ସଂଜବତୀ,
ପରଦେଶେ ପ୍ରିୟ ଥାଆନ୍ତୁ ଭଲରେ
ମିନତି ବାଢେ ସେ ନିତି ।।
ଅନ୍ଧାର ପଣତ ଘୋଡିହୁଏ ଯେବେ
ତାରାଫୁଲ ଫୁଟି ହସେ,
ମିଟିମିଟି କଥା ଜହ୍ନମାମୁଁ ସାଥେ
ସୁଆଦିଆ ପ୍ରୀତି ରସେ ।।
ଜନମୁଁ ମରଣ ସୁଖଦୁଃଖ ରସେ
ସମୟ ଯାଏ ତ' କଟି ,
ବିନ୍ଦୁ ସିନ୍ଧୁ ସେଠି ଏକାକାର ପରା
ମାଟି ନୁହେଁ ସେତ ମାଁ ଟି ।।

**୫୪, ଆର୍ଯ୍ୟପଲ୍ଲୀ, କିଟ୍ ଛକ ପଟିଆ,**
**ଭୁବନେଶ୍ୱର- ୭୫୧୦୨୪**

# ମାଟି ମୋ' ମାଆର ବଳ

ତାରାପ୍ରସାଦ ଜେନା



ମାଟିର ମଣିଷ ମାଟିରେ ରହିଛି
ମାଟି ମୋ' ମାଆର ବଳ
କିଏ କହୁ ପଛେ ଜୀବନ ମୋ' ମାଟି
ବୁଝିଛି ଭାବର ମେଳ
.....ମାଟିର ମଣିଷ ମାଟିରେ ରହିଛି .....! ୦ ।

ମାଟିର ଝରକୁ ଧରି ମୁଁ ନେଇଛି
ଅମୃତ ପାନୀୟ ଗୁଣ
ମାଟିର ଫସଲ ଶ୍ରଦ୍ଧାର ଆହାର
ଭୋକରୁ ରଖୁଛି ପ୍ରାଣ,
ମାଟିର ପବନ ନିମିଷେ ଛୁଉଁଛି
ଜୀବନ ବଞ୍ଚିବା ଖେଳ
.....ମାଟିର ମଣିଷ ମାଟିରେ ରହିଛି .....! ୧ ।

ସୁଖରେ ଦୁଃଖରେ ମାଟି ଆପଣେଇ
ଗଢ଼ିଛି ସୁନ୍ଦର ଘର
ମାଟି ଠାକୁରାଣୀ ଆଗରେ ପଛରେ
ଭାଗ୍ୟର ନିୟନ୍ତା ମୋ'ର,
ମାଟି ପାସୋରା ମୁଁ କେବେବି ହୋଇନି
ପାଇଛି ମାଟିର କୋଳ
.....ମାଟିର ମଣିଷ ମାଟିରେ ରହିଛି .....! ୨ ।

ସ୍ୱାଧୀନ ମାଟିକୁ ମୁଣ୍ଡ ମୁଁ ଛୁଆଁଇ
ମଣିଛି ସବୁଠୁ ବଡ଼
ମାଟିର ସମ୍ମାନ ରଖିବା ପାଇଁକି
ହେବିନି ଜମାରୁ ଆଡ଼,
ମାଟିର ମଣିଷ ମାଟିରେ ମିଶିବି
ଯେବେ ମୋ ହୋଇବ କାଳ
.....ମାଟିର ମଣିଷ ମାଟିରେ ରହିଛି .....! ୩ ।

ରାଜ ରଣପୁର, ଜିଲ୍ଲା-ନୟାଗଡ଼,
ପିନ୍- ୭୫୨୦୨୬

# ମାଟି

## ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର

ମାଟି ମାଆ ତୋରେ ପ୍ରଣାମ କରୁଛି
ମାଟି ମୋ' ମଥା ତିଳକ,
ମାଟିରେ ଜନମ ମାଟିରେ ମରଣ
ମାଟିରେ ଜୀବଜଗତ;
ମାଟି ପାଇଁ ମହାଭାରତ,
ପାଇକ ପୁଅର ଭୂଇଁ ଲାଲ ମାଟି
ମୋ'ର ଖୋରଧା ମୂଳକ ।।

ବନେ ବନପକ୍ଷୀ ଝରଣା ପାହାଡ଼
ଅନିନ୍ଦ୍ୟ ରୂପେ ପ୍ରକୃତି,
ଶୋଭା ପାଉଅଛି ରସମୟ ରସା
ନାନା ରଙ୍ଗେ ଫୁଲ ଫୁଟି;
ସେ ପାଇଁ ମୋ' ମାଆ ମାଟି,
ମହନୀୟ ରୂପେ ପ୍ରଲମ୍ବିତ ଦୃଶ୍ୟ
ଜୀବ ଜଗତର ସ୍ଥିତି ।।

ଉର୍ବର ଏମାଟି କୃଷକ କେଦାରେ
ସୁବର୍ଣ୍ଣ ଫସଲ ଫଳେ,
ଏଇମାଟି ଗଢ଼ା ମୃଣ୍ମୟ ଦେବତା
ଆଗେ ମାଟି ଦୀପ ଜଳେ;
ଏମାଟି ଗୌରବ କେତନ,
ଉଡାଇବା ପାଇଁ ବିନିମୟେ ପ୍ରାଣ
ଦେଇ ଲଭିଛନ୍ତି ପୂଣ୍ୟ ।।

ମାଟି ମାଆ ସେବା ବ୍ରତୀ ଯେଉଁ ଜନ
ଅମର ତା'ର ଜୀବନ,
ମହୀତଳେ ସ୍ୱର୍ଣ୍ଣାକ୍ଷରେ ଲେଖା ନାମ
ଥିବା ଯାଏଁ ଭାନୁ ଜହ୍ନ;
ମାଟିର ଅପୂର୍ବ ସୌରଭ,
ଜୀବ ଜଗତର ବୈଭବ ତା' ଗର୍ଭେ
ଅମୂଲ୍ୟ ନିଧି ସମ୍ପଦ ।।

ମାଟିର ମଣିଷ ମୋ' ଜନ୍ମ ମାଟିରେ
ମାଟିରେ ମିଶିବ ଦେହ,
ମାଟି ମୋ'ର ସ୍ୱର୍ଗ ମାଟି ମୋ' ବୈକୁଣ୍ଠ
କେତେ ଲୋଭ କେତେ ମୋହ;
ପୁନର୍ଜନ୍ମ ଯେ ମାଟିରେ,
ହେବାର ଲାଳସା ଜନ୍ମ ଜନ୍ମାନ୍ତରେ
ରଖିଛି ଏହି ମନରେ ।।

ମଙ୍ଗଳାଯୋଡ଼ି,
ଖୋର୍ଦ୍ଧା



# ମାଟି

ଦିବାକର ନାୟକ

ଜୀବନ ଏଠି ମାଟି ସମାନ
ଅଳସେ ରହିଲେ ବସି
ଏଇ ମାଟିରୁ ସୁନା ଫଳାଏ
କରମରେ ରତ ଚାଷୀ ।।

ମାଟିର ଦେହ ମାଟିରେ ମିଶେ
ମାମୁଲି ମଣିଷ ଲାଗି
ମାଟି ପାଇଁ ଯେ ଜୀବନ ଦିଏ
ଦୁନିଆ ଝୁରେ ତା' ଲାଗି ।।

ଯେଉଁ ମାଟିରୁ ମିଠା ନେଇ କି
ଆଖୁ ରସ ସୁମଧୁର
ସେଇ ମାଟିରେ ନିମ କଲରା
ପିତା ଗୁଣେ ଭରପୁର ।।

ଏଇ ମାଟିର ସେବାରେ ରତ
ବୀର ସଇନିକ ଆମ
ମାଟି ପାଇଁ କି ଜୀବନ ଦେଇ
ଚଳନ୍ତି ଅମର ଧାମ ।।

ଯେଉଁ ମାଟି ଏ ଦେହେ ଲାଗିଲେ
ଅସନା ହୋଇଲା କହୁ
ସେଇ ମାଟିରେ ଫୁଟଇ ଫୁଲ
ଫୁଲରୁ ମିଳଇ ମହୁ ।।

ଏଠି ମାଟିର ଦୀପାଳି ଜଳେ
ଅନ୍ଧାରର ବୁକୁ ଚିରି
ଏଇ ମାଟିରେ ଜଳିଲେ ଦେହ
ଯାଏ ସେଯେ ଆର ପାରି ।।

ଶହେ ତ୍ରିତଳ କୋଠା ବି ଏଇଠି
ମାଟି ଉପରେ ହିଁ ଠିଆ
ମାଟି ବିନା କେ ତିଷ୍ଠି ପାରିଛି
କହି ପାରିବ କି ନାଆଁ ।।

ମାଟି ହିଁ ମାଆ ମାଟି ହିଁ ସାହା
ମାଟି ହିଁ ସବୁରି ନାହା
ମାଟିକୁ ଛାଡ଼ି ଦେଇଛି ଯିଏ
ପାଇନି କାହିଁ ସେ ରାହା ।।

ସୁନା କି ରୂପା ଅମୂଲ୍ୟ ରତ୍ନ
ଏଇ ମାଟିରୁ ହିଁ ମିଳେ
ମାଟିଠୁ ଆଉ ଅଧିକ କିବା
ଅଛି ଏଇ ଭୂମଣ୍ଡଳେ ।।

ଅନେକ ରୂପ ଅନେକ ଗୁଣ
ମାଟିର ଅନେକ ରଙ୍ଗ
ଭେଦ ବିଭେଦ କା ପାଇଁ ନାହିଁ
ସଭିଙ୍କୁ ଗୋଟିଏ ଭାବ ।।

ଏଇ ମାଟିକୁ ଶହେ ପ୍ରଣାମ
ଜନ୍ମ ନେଇଛି ଯା' କୋଳେ
ଏଇ ମାଟିରେ ମିଶି ମୁଁ ଦିନେ
ଫେରିଯିବି କାଳ ବଳେ ।।

ପାଟପୁର, କନିସି,
ଗଞ୍ଜାମ



# ମାଟିର ମହକ

ସବିତା ମହାପାତ୍ର

ଗୋଟିଏ ହାତରେ ମୁଠାଏ ମାଟି
ଆର ହାତରେ ଆଞ୍ଜୁଳାଏ ଆକାଶ
ଅତି ଆପଣାର ସମ୍ପର୍କ ଯୁଗ ଯୁଗକୁ ଆମର
ଜନ୍ମରୁ ଆରମ୍ଭ ମରଣରେ ଶେଷ...

ମାଟିର ମହକରେ ମୁଁ ହୁଏ ବିମୋହିତ
ତା'ର ଅସ୍ତିତ୍ୱରେ ହୁଏ ମୁଁ ପ୍ରଲୋଭିତ,
ସାଉଁଟି ଧରେ ମାଟିକୁ କେଉଁ ଏକ ଅଜଣା ପୁଲକେ...
ମାଟିର ମଣିଷ ଟିଏ ମୁଁ
ଆକାଂକ୍ଷା ସବୁ ସଂଗୁପ୍ତ
କ୍ଷଣିକ ଆୟୁଷ ପାଇଁ....

ବେଳେବେଳେ ଅସହାୟ ବେଦନା ସିକ୍ତ ମୁହୂର୍ତ୍ତ
ଭୋଦୁଅର ମେଘ ପରି ଘୋଟି ଯାଏ
ମୋ' ମନ ଆକାଶରେ,
ମୋ' ଦୁଃଖ ସବୁ ଲୁହ ହେଇ ଝରିଯାଏ
ଶ୍ରାବଣର ଧାରା ପରି
ମାଟିର ବୁକୁରେ...
ମୋ' ତମାମ ଦୁଃଖର ସ୍ରୋତ ଥମିଯାଏ
ହାତରେ ତୋଳି ଧରିଥିବା
ସେଇ ମୁଠାଏ ମାଟିର ମହକରେ...!!

କବିସୂର୍ଯ୍ୟନଗର,
ଗଞ୍ଜାମ

# ଏଇ ମାଟି ଆମ ମାଆଟି ପରା....



**ଜୟନ୍ତୀ ସ୍ୱାଇଁ**

ଉତ୍କଳ ମାଟିର ସନ୍ତାନ ଆମେରେ
ଏଇ ମାଟି ଆମ ମାଆଟି ପରା
ଆହାଃ କି ସୁନ୍ଦର ମନୋମୁଗ୍ଧକର
ଅପରୂପ କାନ୍ତି ଲାଗଇ ଧରା.. ।।

କେତେ ନଦନଦୀ ସାଗର ଝରଣା
ତାହାରି ଛାତିରେ ଯାଉଛି ବହି
ଯେତେ ପ୍ରାକୃତିକ ବିପର୍ଯ୍ୟୟ ସବୁ
ମାଆ ପରି ସିଏ ଯାଏଟି ସହି... ।।

କେତେ ଗିରିମାଳା ବନ ଉପବନ
ତାହାରି ବକ୍ଷରେ ବିରାଜମାନ
କେତେ ବୀରପୁତ୍ର କେତେ ବରପୁତ୍ର
ତା' କୋଳରେ ହୋଇଛନ୍ତି ଜନମ.. ।।

ଅଙ୍ଗେଅଙ୍ଗେ ଯା'ର ଚାରୁଚିତ୍ରପଟ
କଳାକାରିଗରୀ ରହିଛି ଭରି..
ଶସ୍ୟଶ୍ୟାମଳିମା ସବୁଜ ବନାନୀ
ଲାଗଇ ସତେ କି ସରଗ ପରି... ।।

ନୀଳ ତରଙ୍ଗର ଲହରୀ ମାଳାରେ
ସାଗର ଧୁଅଇ ଚରଣ ଯା'ର
ସେହି ମୋ'ର ପ୍ରିୟ ଉତ୍କଳ ଜନନୀ
ଜଣାଏ ତା' ପାଦେ କୋଟି ଜୁହାର.. ।।

**ବରାଙ୍ଗ, ଅସ୍ତରଙ୍ଗ,**
**ପୁରୀ**

# ମାଟି

## ସୁହଂସ ଭୋଇ

ମାଟି ନୁହେଁ ସେତ ମାତୃଭୂମି ଆମ
ମମତାମୟୀ ସେ ମାଆଁଟି
ସୁଜଳା ସୁଫଳା ତରୁ ଗିରିମାଳା
ଭରିଛି ତାହାର କୋଳଟି ।୦।

ପ୍ରତି ମୁଖେ ହର୍ଷ ଉଲ୍ଲାସ ପୁଲକ
ପ୍ରୀତିର ପୀୟୂଷ ବାଣ୍ଟୁଛି
ସେନେହ ସୁଗନ୍ଧ ପୁରିଛି ଅନେକ
ମାଟି ମାଟି ବାସ ବାସୁଛି

ମନ ଆନନ୍ଦରେ ବୁକୁରେ ନାଚୁଛି
ସରଳା ଚପଳା ନଈଟି
ମାଟି ନୁହେଁ ସେତ ମାତୃଭୂମି ଆମ
ମମତାମୟୀ ସେ ମାଆଁଟି।୧।

ମାଆଁ ମାଟି ମୋହ ମାନ ସ୍ୱାଭିମାନ
ଭାବନା ରୁଧିରେ ଜଡିତ
ମାଟିରୁ ସଂଚାର ଜୀବନ ନାଟକ
ମାଟିରେ ହୋଇବ ସମାପ୍ତ

ପବିତ୍ର ହୋଇବ ପାର୍ଥିବ ଶରୀର
ମାଟି ମୁଠେ ଦେବ ସାଉଁଟି
ମାଟି ନୁହେଁ ସେତ ମାତୃଭୂମି ଆମ
ମମତାମୟୀ ସେ ମାଆଁଟି।୨।

ପହଣ୍ଡି,
ବରଗଡ଼



# ମାଟି

**ପ୍ରଜ୍ଞା ମହାନ୍ତି**

ତୋ' ମହମହ ବାସ୍ନାରେ
ବିଭୋର ଦେବତାଏ
ଲୋଭାନ୍ତି ତୋ'ର ଛାତିକୁ
ଫେରିଲାବେଳେ ସ୍ୱୟଂ ନାରାୟଣ
ଛାତିରେ ବହି ନିଅନ୍ତି
ତୋ' ମଧୁର ସ୍ମୃତିକୁ।

ତୋ' କୋଳରେ ସାତସମୁଦ୍ର
ସହସ୍ର ନଈ
ତଥାପି ଲୋକେ ବୁହାନ୍ତି
ରକ୍ତ ନଦୀ ସବୁ
ତୋ'ପାଇଁ କହି !

ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ
ଏକା ଆଶ୍ରା ତୁହି
ହେଲେ ପାଦତଳେ ତୁ' କ'ଣ ପାଇଁ
ସହିଛୁ ସହୁଛୁ ସହୁଥିବୁ
ଥିବାଯାଏ ସୂର୍ଯ୍ୟ ଚନ୍ଦ୍ର
କେବଳ ଏହି ନିୟମ
କାହିଁକି ତୋ'ପାଇଁ ??

ମୁଁ ଚାହେଁନା କେବେ
ତୋ' ସୀମାରେଖା କହି
ରକ୍ତନଦୀ ଟିଏ ବହୁ
ମୁଁ ଚାହେଁନା କେବେ
ଉଷ୍ମରକ୍ତ ଦେଇ କିଏ
'ତୁ' ଶୀତଳତା ଲଭ' କହୁ
ମୁଁ ଚାହେଁନା କେବେ
ମୋର ହୃଦୟାଂଶ
ମୋ' ଠାରୁ ବିଛିନ୍ନ ହେଉ
ମୁଁ ଚାହେଁ କେବଳ
ଛଅଋତୁ ସାରା
କୋଇଲି କରୁଥାଉ କୁହୁ।

ମାତୃବିହାର, ବୁଢ଼ାରଜା,
ସମ୍ବଲପୁର

# ମାଟି



## ସୁଲୋଚନା ସ୍ୱାଇଁ

ମାଟି ନୁହେଁ ଏ ତ' ମାଆଟି ମୋହର
ଧରିଅଛି ମୋତେ କୋଳେ
ତା' ପାଣି ପବନେ ଗଢ଼ା ଏ ଶରୀର
ପାଶୋରି ପାରେନି ହେଲେ... ।।
ତା' ବକ୍ଷରେ ଥିବା ସୁନ୍ଦର ବଗିଚା
ଫୁଟାଇଛି କେତେ ଫୁଲ...
ସେ ଫୁଲର ବାସ ଖେଳେ ଚଉପାଶ
କିଏ ହେବ ତା'ର ତୁଲ...!!
କେ କଳିବ ତା'ର ମୂଲ..??
ତା' ଛାତିରେ କୁନି କୁନି ପାଦ ଥାପି
ଶିଖିଲି ଯେବେ ମୁଁ ଚାଲି....
କେତେ ଅନାବନା ଗୀତ ଗାଇ ଗାଇ
ଉଡ଼ାଇଛି ଧୂଳିବାଲି... ।।
ବାଲ୍ୟକାଳୁ ତାକୁ ଆଦରି ନେଇଛି
ବାହିଣ ଜୀବନ ନାଆ...
ଜୀବନକୁ ମୋ'ର କରିଛି ଉଜ୍ଜ୍ୱଳ
ଦେଖାଇ ବଂଚିବା ରାହା... ।।
ଶୟନେ ସପନେ ଅବା ଜାଗରଣେ
ତା' ସାନ୍ନିଧ ପାଇଅଛି...
ବାଲ୍ୟ, କୈଶୋର ଓ ଯୌବନ, ବାର୍ଦ୍ଧକ୍ୟେ
ସ୍ମୃତି ତା'ର ସାଇତିଛି... ।।
ଜୀବନର ସେଇ ଅନ୍ତିମ ସମୟେ
ଦେଇ ଅନ୍ତିମ ପରଶ ...
ଆଲିଙ୍ଗନ ଦେଇ ପ୍ରାଣପକ୍ଷୀ ମୋ'ର
ଲଭିବ ଚିର ସନ୍ତୋଷ..

ବରାଙ୍ଗ, ଅସ୍ତରଙ୍ଗ,
ପୁରୀ



# ମୋ' ମାଟି ମାଆ

**ସଂଯୁକ୍ତା ମହାପାତ୍ର**

ଜନନୀ ଜଠରୁ ପହିଲି ପରଶ
ଛୁଇଁଲି ଯା' ପାଦ ରେଣୁ
ସେହି ମୋ' ପ୍ରିୟ ଜନମ ଭୂଇଁ
ତା' ମାଟିରେ ଗଢ଼ା ଏ ତନୁ ।
ସେ ମାଟି ମା'ର କୋମଳ ଅଙ୍କରେ
ମନେ ଶିହରଣ ଜାଗେ
ମାଟି ମା' ମୋ'ର ଜୀବନ ଗଢ଼ଇ
ସତେ କେଡ଼େ ଅନୁରାଗେ
ପୁଣ୍ୟ ମାଟି ଏ ଭାରତ ଭୂଇଁର
ବୀର ସନ୍ତାନ ଆମେ
ତପ ତ୍ୟାଗ ଆଉ କରମ ଭୂଇଁ ଏ
ଭରିଛି ସୁଷମା ସାଥେ
ଶସ୍ୟ ଶ୍ୟାମଳା ମାଟି ମା' ମୋ'ର
ଗିରିଧର ଧରି ବକ୍ଷେ
ଅତି ମନୋହର କୁସୁମ ସମ୍ଭାର
ନାନା ଜାତି ବୃକ୍ଷ କେତେ
ତା' ପାଣି ପବନେ ଗଢ଼ାଏ ଶରୀର
ପରିପୁଷ୍ଟ କରି ତୋଳେ
ମା' ସେ ଆମ୍ଭର ସନ୍ତାନ ଆମେରେ
ଜାଗରୁକ  କଉଶଳେ
ଆସରେ ସଭିଁଏ କରିବା ଶପଥ
ଉଡ଼ାଇ କିରତି ଧ୍ୱଜା
ହିଂସା ଦ୍ୱେଷ ଇର୍ଷା ସ୍ୱାର୍ଥକୁ ଦୂରାଇ
କରିବା ତା' ପାଦ ପୂଜା

ଦାଣ୍ଡମୁକୁନ୍ଦପୁର,
ପୁରୀ

# ମାଟିମନସ୍କ



ସୁନନ୍ଦା ମହାନ୍ତି

ମାଟି ହିଁ ସର୍ବସ୍ୱ ଚିରନ୍ତନ ଅତୀବ
ତା' ଦେହରେ ଫୁଲଫଳ ନଈନାଳ
ପାହାଡ଼ ପୋଖରୀ ନଈ ମନୋଜ୍ଞ
ମାଆ କାଳୀ ଦୁର୍ଗା ସରସ୍ୱତୀ ବାଳୀ
ଏଇ ମାଟିରେ ପାଦଚିହ୍ନ ସୀତାଙ୍କ ସତୀତ୍ୱ
ମାଟିମନସ୍କ କୃଷକ କୁମ୍ଭାର ଶିଳ୍ପୀ
ଆଜି ଏତେ ଅନ୍ୟମନସ୍କ
ମାଆ ପଡିଛି ଛୀର୍ଣ୍ଣମସ୍ତା ହୋଇ ଏଠି ସେଠି
ଦେହ ସହୁନାହିଁ ଖାଦ୍ୟ ଓ ଖାଦକର ବହି
ଭୋକ ଓ ତୃଷାର ଅନ୍ତହୀନ ଆବେଗ
 ମାଟିମାଆ ମନସ୍କ ଶିଳ୍ପୀ ଅନୁରାଗ
କରିଛି ବିପର୍ଯ୍ୟସ୍ତ ମାଆକୁ
ସୀତାଙ୍କ ପରି ମାଆ ଚାହେଁ ମାଟିରେ ମିଶିବାକୁ
ମାତ୍ର କାହିଁକି କେଜାଣି ଉପେକ୍ଷିତ
ଶିଳ୍ପୀ କାରିଗରଙ୍କ ନିହାଣ ଥରେ ଏଯାବତ
ମାଆ ତୁମେ କେବେ ମାଟି ତୁମେ କେବେ ସୃଷ୍ଟି
ହୁଅନା ଆହତ ଅସମାପ୍ତ
ନିଜ ଇଚ୍ଛାବରୀ ଆସିଛ ଯାଉଛ ରୁହନା କଳ୍ପିତ
ଇଚ୍ଛାମୃତ କରୁଣାରୁ ମାଟିରେ ମିଶିଯାଅ ମାଆ
ସହି ହେଉନି ତୁମ ଶରୀର କଷ୍ଟ ପାଉଛି ବହୁତ
ତୁମେ ପଥ ତୁମେ ବି ପାଥେୟ
କୁହ କଣ ଆଉ କଲେ ଭସାଣୀ ହେବା ପରେ
ମାଆ ମାଟି ମାଆ କୋଳେ ପୁଣି ଫେରିଯିବ
ଲାଗିବ ଆଶ୍ୱସ୍ତ ନିଶ୍ଚିନ୍ତ

ସାକ୍ଷୀଗୋପାଳ,
ପୁରୀ



# ଜନ୍ମମାଟି...

ଜିତେନ୍ଦ୍ର କୁମାର ନାୟକ

ସରଗଠାରୁ ସୁନ୍ଦର କରି,
ଗଢ଼ି ତୋଳିବା ଆସ....
ଜନମ ମାଟି, ଜନମ ଗାଁ,
ଜନମ ପରିବେଶ......!
ସଜାଇଦେବା ଗାଁଆକୁ ଆମେ,
ଜାତିଜାତିକା ଗଛେ.....
ଫୁଲ ଫଳରେ ହସିଉଠିବ,
ଜନମମାଟି ନିଶ୍ଚେ.......!
ସଭିଏଁ ମିଶି ଚଳିବା ଏଠି,
ନରେଖି ମତଭେଦ......
ହାଣିବା ନାହିଁ ଗୋଟିଏ ଗଛ,
ଗଛ ଯେ ଆମ ମିତ.....!
ଜନ୍ମମାଟିର ସୁରକ୍ଷା ପାଇଁ,
ଶପଥ ନେବା ଆସ.....
ଆମରି ଗାଁ, ମାଟି ମାଆକୁ,
ଗଢ଼ି ତୋଳିବା ଆସ......!

ମହାବୀର କଲୋନୀ,
ସାକ୍ଷୀଗୋପାଳ, ପୁରୀ

# ମାଟି

ପଙ୍କଜିନୀ ଉପାଧ୍ୟାୟ

ମାଆ ମାଟି ଆଉ ମମତାର ଭାଷା
ଅମୃତ ଜୀବନ ଗାଥା
ତିନି ମାଆଙ୍କର ହେପାଜତ ଫଳେ
ଜୀବନ ଚାଲଇ ଯଥା।

ମାଟିରୁ ଆସିଛେ ମାଟିରେ ମିଶିବା
ମାଆ ପରା ଆମ ମାଟି
ମାଟିର ମହକ ଜୀବନ ଆଲୋକ
ପ୍ରଥମେ ଫିଟଇ ପାଟି।

ମାଟି ତନୁ ଆମ ମାଟି ଧରାଧାମ
ମାଟି ଆମ ଚରାଭୂଇଁ
ମାଟି ଦିଏ ଖାଦ୍ୟ ବସ୍ତ୍ର ଆଉ ବାସ
ମାଟି ବିନା ଗତି ନାହିଁ।

ମାଟିର ଗୌରବ ଜୀବନ ସୌରଭ
ମାଟି ଆମ ଗତି ମୁକ୍ତି
ମାଟିର ଦାନରେ ଏ ଜୀବନ ଗଢ଼ା
ମାଟି ହିଁ ଜୀବନୀଶକ୍ତି।

ଜୀବନରେ ଯଦି ସଫଳ ତୁ' ନୁହଁ
ଜୀବନ ହୁଅଇ ମାଟି
ଏଭଳି ପଦଟେ ଶୁଣିଥିବ ତୁମେ
କରୁନାହିଁ ମୁହିଁ ଖଟି ।

କେଉଁ ମାଟି କରେ ସୁଜଳା ସୁଫଳା
କିଏ ପଥୁରିଆ ଅତି ?
କେଉଁ ମାଟି ଗଢ଼େ ସୁନ୍ଦର ପ୍ରତିମା
ସବୁ ଦରକାରୀ ଅତି।

ମାଟି ପାଇଁ ଲେଖି ବସିଲେ ଲୋ ସଖୀ
ଅଟକିବ ନାହିଁ ହାତ
ସବୁଠାରୁ ଶ୍ରେଷ୍ଠ ମାଟି ଆରେ ମିତ
ମାଟି ପାଇଁ ଆମେ ସତ।

ଅରଙ୍ଗାବାଦ, ଯାଜପୁର



# ସେଇ ମାଟି'ପରେ

## ସୁମିତା ବେହେରା ବାପି

ଆଃ.. ଅଜଣା ପୁଲକରେ ସମ୍ମୋହିତ ମନ-ପ୍ରାଣ,
ଉଠାଇନେବା ପରେ ମାଟିରୁ ପାଦ ଦୁଇଟି
ମୁଁ ଦେଖୁଥିଲି, ସ୍ବର୍ଗ ଆଉ ଆଙ୍ଗୁଳିଏ ବାକି,
ମୋ'ର କି ଆସେ ଯାଏ ଏବେ,
ପଡ଼ିଥା'ନ୍ତୁ ମୁହଁମାଡ଼ି ତଳେ
ଅନାବନା-ଆଜେବାଜେ-ଅଯଥା ସମ୍ପର୍କ ଯେତେକ !

ବାଃ.. ଭଲ ହେଲା ସେ ରାଇଜେ
ମାଟି ନାହିଁ, ପଙ୍କ ନାହିଁ, ଗନ୍ଧ ନାହିଁ, ନାଳ ନାହିଁ
ମୋ'ର କି ଆସେ ଯାଏ ଏବେ,
ହଉଥା'ନ୍ତୁ ସେଠି କୋଳା-କୋଳି,
ତୁଚ୍ଛାଟାରେ ନିକୁଟୁଥାନ୍ତୁ ଦାନ୍ତ ବତିଶି
ଅପରିଚ୍ଛନିଆ ଝାଳ-ଗନ୍ଧୁଆ ମାଟିର ମଣିଷଗୁଡ଼ା!

ହାଃ.. ସୁନା, ରୂପା, ହୀରା, ନୀଳା, ମଣି, ମୁକ୍ତା ଯେତେ
ଖଞ୍ଜା ମୋର ଡେଣା ଯୋଡ଼ିକରେ,
ଅମରାବତୀର ବୈଭବ ମରିଯାଉ ଲାଜେ !
ମୋ'ର କି ଆସେ ଯାଏ ଏବେ,
ମାଟି ମୁହାଁ ମନଗୁଡ଼ା ପାଳୁଥାନ୍ତୁ ଦୀପାବଳି,
ଖେଳୁଥାନ୍ତୁ ରଜଦୋଳି, ପୂନିଅଁର ଜହ୍ନାଲୋକେ
ହା.. ଡି.. ଡି.., ବାଗୁଡ଼ି, ଅବା ବୋହୂ ଚୋରି !

ଆହାଃ.. ମୁଁ ମଲି ! ମଲି! ଦେଖ ! ଦେଖ !
ଜଳିଗଲା ପକ୍ଷ ମୋର, ଏଡ଼େ ଦମ୍ଭ ସେଇ ସୂରୁଯର?
ତା'ର କି ଆସେ ଯାଏ ଏବେ,
ମରୁ ଅବା ବଞ୍ଚୁ କିଏ
ଦୂରୁ ବସି ହସୁଥିଲା, ନାଚୁଥିଲା
କଚାଡ଼ି ଫୋଡାଡ଼ି ଦେଲା ପୁଣି ସେଇ ମାଟି'ପରେ ।

ଭୁବନେଶ୍ୱର



# ଖାଲି ମାଟି ଆଉ ମାଟି

**ପୁଷ୍ପାଞ୍ଜଳି ପଣ୍ଡା**

ଧଳା ଚାଦର ତଳେ
ଆଁ କରି ଅନେଇଥିବା
ଫଟା ଟାଙ୍ଗରା
ମାଟିଆ ରଙ୍ଗର ମାଟିର,
କିଛି ସୁଖଦ କିଛି ଦୁଃଖଦ
କିଛି ବେଦନାର, କିଛି ଯନ୍ତ୍ରଣାର
ଅସହଣୀ  କାହାଣୀ
ଶୁଣି ସାରିଲାପରେ
ଚିକ୍ ଚିକ୍ କରି
ଧୂଳିକଣା ସବୁ
ଉଡିଂଗଲେ ପବନରେ।।
ଆକାଶ ଛାତିଟା ଫାଟିଗଲା ପରେ
ଝରଝର ଲୁହ ଝରାଇ
ତା' ଶୁଖିଲା ଦେହଟାକୁ
ବତୁରା ବରଷା ଓଦା କରିଦେଲା।
ଛୁଇଁଗଲା ସବୁ ସୀମା ସରହଦ।
ଉଚ୍ଛ୍ୱାସରେ ବିଶ୍ୱାସରେ
କୋଦାଳ, ଲଙ୍ଗଳର
ପ୍ରଚଣ୍ଡ ପ୍ରହାର ସହିଥିବା ମାଟି ଛାତି
ଫୁଲି ଉଠିଲା
ସବୁକୁ ସାମ୍ନା କରି ସରମିଯାଇ, ନରମିଗଲାରୁ
ଗଜୁରି ଆସିଲା
ଭଲପାଇବା ବୀଜ...!!
ମାଟିଦେହ ସୃଜନର ମୋହ।
ସୃଷ୍ଟି କଲା
ଖୁସୀର
ସୁଖର
ସମ୍ଭାବନାର ଜୀବନ ଯାତ୍ରା।।
ପୁଣି ମାଟିରୁ ମାଟି ଯାଏ
ଆକାଶ ଯାଏ
ପବନ ଯାଏ
ପାଣି ଯାଏ
ନିଆଁ ଯାଏ।
ନିଜକୁ ନିଗାଡ଼ିଂ,
ନିଜକୁ ଚିପୁଡ଼ିଂ
ପୃଥିବୀ ସାଜି
ତିଆରୁଥାଏ ସଂସାର
ଯୁଗ ଯୁଗ ଧରି।
ମାଟି ଖାଲି ଦେଇଚାଲେ
ଶୁନ୍ୟକୁ ପୂର୍ଣ୍ଣ କରେ
ମଣିଷ ଗଢ଼େ
ବଢ଼େ ସଭ୍ୟତା ସଂସ୍କୃତି
ବଢ଼େ ଶାନ୍ତି, ସଂହତି, ଆଶ୍ୱସ୍ତି।
ଯୁଗ ଯୁଗ ଧରି
ଖାଲି ମାଟି ଆଉ ମାଟି।।

ଯୋଜନା ସଂଯୋଜନା ବିଭାଗ,
ଭୁବନେଶ୍ୱର



# ମାଟି

## ଡକ୍ଟର ଚପଳା ପଣ୍ଡା

ମାଟିରେ ଜନମ ମାଟିରେ ମରଣ
ମାଟି ଘଟ ପିଣ୍ଡ ପ୍ରାଣ,
ମାଟି ପାଇଁ ଆମ ଜୀବନ ଦର୍ଶନ
ଖାଦ୍ୟ ବସ୍ତ୍ର ଗୃହ ଜାଣ।
ପୃଥିବୀକୁ ମାଟି ଆଚ୍ଛାଦିତ କରି
ଜୀବନ ଧାରାକୁ ବାଣ୍ଟେ,
ଶିଳା ଖଣ୍ଡ ଭାଙ୍ଗି ମାଟି ସୃଷ୍ଟି ହୁଏ
ମାଟି ବିନା ଘଟ ଛୁଟେ।
କେତେ ରଙ୍ଗ କେତେ ଛଇ ଛଟକରେ
ଦେଖାଇ ଦିଏ ତା'  ରୂପ,
ନାଲିଆ କାଳିଆ ଗେରୁଆ ବର୍ଣ୍ଣରେ
ପୀତବର୍ଣ୍ଣା ଚାରୁ ଲେପ।
କେତେ ନାମ କେତେ କିସମ ମେଳାଇ
ମାଟି ମାଆ ଆମେ ଭେଟୁ,
ଚିକିଟା ମଟାଳ ବାଲିଆ ଢଙ୍ଗରେ
ପଙ୍କୁଆ ଦୋରସା ପଟୁ।

କୃଷ୍ଣ କାର୍ପାସ୍ ମୃତ୍ତିକା ସୂତ୍ରରେ
ଚାଷ କାର୍ଯ୍ୟ ଶୁଭଙ୍କର,
ସେଥିପାଇଁ ମାଟି ମାଆ ପଦବାଚ୍ୟ
ମାଟିକୁ ଜୁହାର କର।
ମାଟିରେ ରହିଛି କେତେ କେତେ ଗୁଣ
ମିଠା କଷା ଖଟା ପିତା,
ଗଛ ବାଛିନିଏ ନିଜ ପଡିଆରା
ମଣିଷ ଖୋଜଇ ସତ୍ତା।
ମାଟିରେ ତିଆରି ହାଣ୍ଡି ଓ ମାଠିଆ
ଇଟା ଚୁଲି ଘଡ଼ି ଘଡ଼ା,
ଟାଇଲି ଖେଳଣା ଦୀପ ସରା ମୂର୍ତ୍ତି
ମାଟି ପାଇଁ ଆମେ ଛିଡ଼ା।
ମାଆ ଶବ୍ଦେ ଅଛି ମାଟି ଓ ଆକାଶ
ମାଆ ମାଟି ଏକା ପରି,
ସେଇ ମାଟିକି ମୋ କୋଟି ଦଣ୍ଡବତ
ମଥାର ତିଳକ ଶିରୀ।

ଖୋର୍ଦ୍ଧା

# ମାଟି ମାଆ

**କାହ୍ନୁ ଚରଣ ମିଶ୍ର**



ମାଟିକୁ ଭାବନି ଛୋଟିଆ ବୋଲିକି
ବସୁମାତା ସେ ଆମର
ସହି ସମ୍ଭାଳିଛି ସଭିଙ୍କୁ ଧରିଛି
ନକରି କ୍ଷତି କାହାର।
ମାଟିଥିବା ଯୋଗୁ ଫସଲ କରୁଛୁ
ତା' ସଙ୍ଗେ ଗୃହ ନିର୍ମାଣ
ମାଟି ମା' ନଥିଲେ ବଞ୍ଚି ପାରିବାନି
ଛାଡିଯାନ୍ତା ଆମ ପ୍ରାଣ।
ସର୍ବ ଶ୍ରେଷ୍ଠ ପ୍ରାଣୀ ମାନବ ଜାତିକୁ
ଦେଇ ଆସୁଅଛି ସୁଖ
ଅହରହ କ୍ଷତ କରି ସେ ଚାଲିଲେ
ତଥାପି ନକରେ ଦୁଃଖ।
ଖଟା, ମିଠା, ପିତା କଷା ଆଦି ସବୁ
ରଖିଅଛି ମାତ କେତେ
ଯେଉଁ ଗଛପାଇଁ ଯାହା ଦରକାର
ଯୋଗାଇ ଦେଉଛୁ ଯେତେ।
ବଡ ବଡ କୋଠା ମୁଣ୍ଡ ଟେକି ଅଛି
ତାହାରି ଉପରେ ରହି
କେତେ ବେଳେ ତୁହି ହେଲେ ହଲ ଚଲ
ଥର ହର ହେବ ମହୀ।
ସମସ୍ତଙ୍କ ପଦ ଭାରକୁ ବହନ
କରିଛୁ ଉଦାର ଚିତ୍ତେ
ନାହିଁ କେବେ ଦୁଃଖ ପାଇବାକୁ ସୁଖ
ରହିଛୁ ତୁହିଁ ନିଶ୍ଚିନ୍ତେ।

ମାଟିକୁ ନେଇଣ କୁମ୍ଭକାର ଗଢ଼େ
ସରା, ଦୀପ, ଗରା, ହାଣ୍ଡି
ଶୁଭ ଅଶୁଭରେ ପଡ଼େ ଦରକାର
ହୁଅନ୍ତି ସବୁ ଦରାଣ୍ଡି।
ମାଟି କୁଡୁଆରେ ଭୋଗ ରନ୍ଧାହୁଏ
ପ୍ରଭୁ ଜଗନ୍ନାଥଙ୍କର
ମାଟି ହାଣ୍ଡିଦ୍ୱାରା କରିଲେ ରୋଷେଇ
ଭିନ୍ନ ସୁଆଦ ତାହାର।
ସହିବା ଗୁଣଟି ମାଟିଠୁ ଶିଖିବା
ଏକଥା ସତ୍ୟ ଅଟଇ
ସେହି ଗୁଣ ଧରି ଚଳିଲେ ସମସ୍ତେ
କ୍ରୋଧଟି ଆସିବ ନାଇଁ।
ସବୁ ପରୀକ୍ଷାରେ ହୋଇଛୁ ଉତ୍ତୀର୍ଣ୍ଣ
ମା' ସହିବା ଗୁଣ ନେଇ
ସୂର୍ଯ୍ୟ, ଚନ୍ଦ୍ର, ଇନ୍ଦ୍ର ଆକାଶ, ପବନ
ତୋ' ସେବା କରନ୍ତି ଯାଇ।
ଭିତରେ ରଖିଛୁ ଜଳକୁ ସାଇତି
ପ୍ରାଣୀଙ୍କ ବଞ୍ଚିବା ପାଇଁ
କେଡ଼େ ତୁ' ଉଦାର ମାଟି ମାଆ ଲୋ
ତୋହ ପରି କେହି ନାଇଁ।
ଧରମକୁ ଜଗି ରହିଅଛୁ ତୁହି
ବିଶାଳ ହୃଦୟ ତୋ'ର
ମାଆ ପରି ତୁହି ପାଳୁଅଛୁ ସବୁ
ତୋତେ କୋଟି ନମସ୍କାର।

**ଟାଙ୍ଗି, ଖୋର୍ଦ୍ଧା**

# ମାଟିମାତୃକା

ଅମୀୟ କୁମାର ସାହୁ

ଉଠରେ ଉଠରେ ଛତିଶିପାଟକ
ରଥିପୁର ଗଡ଼ ଡାକେ ଆଜି
ମାଟି ମା' ଧୂଳି ଏ ଦେହରେ ବୋଳି
ମହାସଂଗ୍ରାମେ ଯିବା ମଜ୍ଜି।
ସରକାର ତୁମେ ସାଜି ସଇତାନ
ଗରିବର ପେଟେ ମାରିଛ ନାତ
ଶହ ଶହ ବର୍ଷ ଜମି ଆମର
ରାତାରାତି ବନ୍ଦ କଲ ବନ୍ଦୋବସ୍ତ।
କେଉଁ ଆଇନର ବଳେ
ପ୍ରଜାସ୍ୱତ୍ତ୍ୱ ଆମ କରିଲ ଉଚ୍ଛେଦ
କହିବ କି ତୁମେ ଥରେ
ଲକ୍ଷେ ଆଖିରୁ ଝରାଇ ଲୁହ
ଶୋଇଅଛ ଆନନ୍ଦରେ।
ଭୂମି ଥାଇ ଆମେ ଭୂମିହୀନ
ଯୁବତୀ ଝିଅ ହେଲାଣି ବୁଢୀ
ଚାଷଜମିରେ ବିଲୁଆ ଡେଉଁଛି
ଦାନାପାଣି ଆମ ଦେଲ ଉଜାଡ଼ି।

ମାଟିମାତୃକା ରୋଦନ କରେ
ଶୋକେ ଅଧିର ହୋଇ
ମୁକ୍ତି ଦିଅ ମୁକ୍ତି ଦିଅ
କାନେ କାନେ ଯାଏ କହି।
ସରକାର ଆଜି ଅନ୍ଧ ସାଜିଛି
ଶୃଗାଳ ହୋଇଛି ରାଜା
ଉଠରେ ଉଠରେ ରଥିପୁର ପ୍ରଜା
ବଜେଇ ଦବାରେ ବାଜା।
ସକଳ କାମକୁ ପଛରେ ଛାଡ଼ି
ମୁଣ୍ଡିଆ ତଳେ ହୁଅରେ ରୁଣ୍ଡ
ଦକ୍ଷିଣକାଳୀଙ୍କୁ କରି ସୁମରଣା
ଗଡ଼େଇଦବା ଶତ୍ରୁର ମୁଣ୍ଡ।
ଖାଇବାରେ ଆମେ ପୋଲିସର ଲାଠି
ଗୁଳିଗୋଳାକୁ ଦେବା ଛାତି ପତେଇ
ମାଟିର ମଣିଷ ମାଟିରେ ମିଶିବା
ମାଟିମାତୃକାର ମୁକ୍ତି ପାଇଁ।

ବୁଢାପଡା, ଜଟଣୀ,
ଖୋରଧା



# ମାଟି(ହାଇକୁ)

ଦୀନକୃଷ୍ଣ ମହାପାତ୍ର

୧.
ଜନ୍ମ ବେଳର
ସାଥୀ ପଥ୍ ସାରଥୀ
ଶ୍ମଶାନ ଯାଏଁ।
୨.
ସହିବା କଥା
କିଏ କାହାକୁ ଶିଖାଏ!
ମାଟି ମା' ଟି ତ!
୩.
ମା' ମହାମାୟୀ
ଅମୃତଭାଣ୍ଡ ଭରା
ଅନ୍ନ ଜୀବନ ।
୪.
ତୁ' ସେମିତି ଥା
ତଳେ ଭୂତଳ ବ୍ୟାପି
ଆମେ ବଞ୍ଚିବୁ।
୫.
ଟିକେ ଆଶ୍ରା ଦେ
ମାଟି ପୂର୍ବରୁ ମା' ହେ
ଶାନ୍ତି ମୁକ୍ତି ଦେ ।

ଟିକାବାଲି,
କନ୍ଧମାଳ

# ଏଇ ମୋ' ପ୍ରିୟ ଜନମ ଭୂଇଁ

ବୈଶାଳୀ ସାହୁ

ଏଇତ ମୋ'ର ଏକୁଡିଶାଳ
ଏଇଠି ଜଳିବ ଜୁଇ
ଏଇତ ମୋ'ର ମାଟି ବୈକୁଣ୍ଠ
ଏଇ ମୋ' ପ୍ରିୟ ଜନମ ଭୂଇଁ।
ଏହାର ଜଳ ରକତ ହୋଇ
ଶରୀରେ ଯାଏ ବହି
ଏହାର ବାୟୁ ନିଃଶ୍ବାସେ ନେଇ
ବଞ୍ଚିଛି ଆଜି ମୁହିଁ
ଏଇ ମୋ' ପ୍ରିୟ ଜନମ ଭୂଇଁ।

ଏଇ ମାଟିରେ ମିଶିଛି କେତେ
ରାଗ ଓ ରୁଷା
ଅହଂର ଅଛିଣ୍ଡା ଅଙ୍କ
ଏଇ ମାଟିରେ ଫୁଟିଛି ପୁଣି
ମମତା ଫୁଲ
ବିତରୁ ଅଛି ବାସ,
ଏ ମାଟି ପାଇଁ ଜୀବନ ଦେବା
ଆସ ମୋ' ଭଉଣୀଭାଇ
ଏଇ ମୋ' ପ୍ରିୟ ଜନମ ଭୂଇଁ।

ଛଣଘର, ଜଟଣୀ,
ଖୋରଧା

# ମାଟି

**ପଦ୍ମଲୋଚନ ସାହୁ**

ମାଟିରେ ଜନମ ମାଟିରେ ମରଣ
ଏଇ ମାଟି ମୋ' ମାଆ
ଏ ମାଟି ମମତା ଭୁଲି ହୁଏ ନାହିଁ
ଯେଉଁଠି ଲେଖା ମୋ' ନାଆଁ ।

ଯାହାର କୋଳରେ ଜନମ ହୋଇ ମୁଁ
କାନ୍ଦି ଥିଲି କୁଆଁ କୁଆଁ
ଯାହାର ପାଣି ପବନ ଆଲୋକେ
ଦେଖିଥିଲି ମୋ' ଗାଁ ।

ସକାଳର ଖରା ସଞ୍ଜୁଆ ପବନ
ରାତି ଆକାଶର ଜହ୍ନ
ଏଇ ମାଟି କୋଳେ ବିତିଥିଲା ମୋ'ର
ଅମାନିଆ ପିଲାଦିନ ।

ବୀର ପ୍ରସବିନୀ ମୋ' ଦେଶ ଜନନୀ
ରୂପସୀ ମମତା ମୟୀ
ଏ' ମାଟି ବକ୍ଷରେ ସୁନାର ଫସଲ
ସବୁଜିମା ଖେଳୁଥାଇ ।

ମୋ' ଦେଶର କଳା ସଂସ୍କୃତି ଓ ପ୍ରୀତି
ଅତୀତ ଗୌରବ ଗାଥା
ଏ' ମାଟିର ଦେହେ ଜନମିଲେ କେତେ
ସତୀ, ସାବିତ୍ରୀ, ସୀତା ।

ଯେ' ମାଟି ଛୁଆଁରେ ପାପୀ ଚଣ୍ଡାଶୋକ
ଧର୍ମାଶୋକ ହୋଇଯାଏ
ବାରଶ ବଢ଼େଇ ଜୀବନ ବଞ୍ଚେଇ
ଧରମା ଶହୀଦ ହୁଏ ।

ମୋ' ଦେଶର ମାଟି ଗନ୍ଧ ଚନ୍ଦନ
ଯିଏ ବୋଲି ହୋଇଥାଏ
ସାହିତ୍ୟ-ସରସୀ ସଲିଳେ କମଳ
ଫୁଟି ବାସି ମହକାଏ ।

ହିମାଳୟ ଯା'ର ଚରଣକୁ ଛୁଇଁ
ନିଇତି ପରଶ ପାଏ
ଶୀତ, ଗିରିଷମ, ଶ୍ରାବଣ, ଫଗୁଣ
ସାତ ଋତୁ ଶୋଭା ପାଏ ।

ମାଟି ମୋ' ସପନ ମାଟି ମୋ' ଜୀବନ
ମାଟି ମୋ'ର ପରିଚୟ
ମାଟି ମୋ'ର ମା' ମାଟି ମୋ' ଗୌରବ
ମାଟିରେ ମିଶିବ ଦେହ ।

ମାଟିର ମଣିଷ ମାଟିରେ ଖେଳେ ମୁଁ
ମାଟିକୁ ମୋ' ଭଲ ପାଏ
ସ୍ୱାଭିମାନୀ ଏଇ ପୁଣ୍ୟ ମାଟିରେ
ସ୍ମୃତି ମୋ'ର ଜଳୁଥାଏ ।

ଠାକୁର ଯାହାର ବଳିଆର ଭୁଜ
ଏ' ମାଟିରେ ପୂଜା ପାଏ
ତା' କୋଳେ ଜନମି ହୋଇଛି ମୁଁ ଧନ୍ୟ
ସୁଖେ ଦୁଃଖେ ସାଥୀ ସିଏ ।

ଯେଦିନ ହଜିବ ଅସ୍ତିତ୍ୱ ମୋହର
ଜୁଇରେ ଜଳିବ ନିଆଁ
ମାଟିର ଶରୀର ମାଟିରେ ମିଶିବ
ନଥିବ ମୋହର ନାଆଁ ।

**ଜଟଣୀ**

# ମାଟି

**ସୌଦାମିନୀ ସାହୁ**

କୁଆଁରାବ ଦେଇ ତା' କୋଳ ଛୁଇଁଲି
ଜନନୀ ଜଠରୁ ଯେବେ,
ସରାଗରେ ସିଏ ଆପଣେଇ ନେଲା
ମାଆ ପରି ସିଏ ତେବେ ।

ମମତାର ସୁଧା ତା' ଛାତିରୁ ପିଇ
ପାଦ ମୋ'ର ଥାପି ଚାଲିଲି
ଚପଳତା ମୋ'ର ସବୁ ସହିଗଲା
ନାଚି ଖେଳି ଯେତେ ବୁଲିଲି ।

ମାଆଠାରୁ ପ୍ରିୟ "ମାଆମାଟି" ମୋ'ର
"ମାଟି" ନୁହେଁ ମୋ'ର ମାଆଟି
ତା' ପାଣି ମୋ' ପାଇଁ ଅମୃତ ସମାନ
ପ୍ରଶ୍ୱାସେ ତାହାରି ବାୟୁଟି ।

ଏହି ମାଟି ଦିଏ ଜୀବନ ଜୀବିକା
ଓଠରେ ଦରୋଟି ଭାଷା,
ମାଟି ପରେ ପରା ମୋର ରାତି ହୁଏ
ମଧ୍ୟାହ୍ନ ଗୋଧୂଳି ଉଷା ।

ମାଟି ଛାତି ଚିରି ଫଳାଏ ଫସଲ
ମାଟି ଦିଏ ଦାନା ମୁଖେ,
ମୁଠାଏ ମାଟିରେ ଡିଆରେ ମୂରତି
ତା' ଲାଗି ରୁହେ ମୁଁ ସୁଖେ ।

ମାଟି ମୁଠେ ପରା ଗରବ ଆମର
ମାଆ ମାତୃଭୂମି ଆମ,
ତା' କୋଳରେ ଦିନେ ଲୀନ ହୋଇଯିବି
ଏହା ହିଁ ମୋ' ମନସ୍କାମ ।

**ସଫା, ଟାଙ୍ଗୀ,**
**କଟକ**



# ମାଟି ମାଆ

**ଡ. ସନ୍ତୋଷ କୁମାର ପଣ୍ଡା**

ମାଟିର ମଣିଷ ମାଟିରେ ମିଶିବ
ଜାଣିଛି ଏ କଥା ଭଲେ,
ମାଆର ପରଶ ଛାଡ଼ି ସେ ଯେ ପୁଣି
ଶୋଇବ ମାଟିର କୋଳେ।
ସେଥିପାଇଁ ସିନା ମାଆ ମାଟିକୁ କେ
ପାଏରେ ସବୁଠୁ ଭଲ,
ସୁଝି ହେବ ନାହିଁ ମାଆ ମାଟି ଋଣ
ଅମୂଲ ତାହାର ମୂଲ ।୧।
ଏନ୍ତୁଡ଼ିଶାଳର ନିଆଁଠାରୁ ପୁଣି
ଜୁଇକାଠର ସେ ନିଆଁ,
ଏଇ ଦୁଇ ନିଆଁ ଉଷ୍ମତା ଭିତରେ
ଶୀତଳ ମାଟିର ଛାୟା।
ଅଳିଆକୁ ନେଇ ଖତ କରେ ସେହି
ବଢ଼ନ୍ତି ପାଦପ ଲତା,
ସୁଗନ୍ଧ କୁସୁମ ସୁମଧୁର ଫଳ
ଆହା ସତେ କେଡ଼େ ମିଠା ।୨।
ବକ୍ଷ ତା'ର ଚିରି ଜଳଧାର ବହେ
ଅମୃତ ଦୁଗ୍ଧ ସମ,
ମୃଦୁ ମନ୍ଦ ବାଆ ବହଇ ସଧୀରେ
କାୟା ପୀଡ଼ା ଉପଶମ।
ଅଳି ଅରଦଳି ସହୁଛି ସବୁ ସେ
ବହେ ସଭିଙ୍କର ଭାରା,
ପଞ୍ଚ ତତ୍ତ୍ୱ ମଧ୍ୟେ ସାର ଅଟେ ମାଟି
ଅଟେ ସନ୍ତାନ ବତ୍ସଳା ।୩।

**କେଶବଧାମ, ଗତିରାଉତପାଟଣା,**
**କଟକ**



# ମାଟି

ଚନ୍ଦ୍ରକଳା ଦେବୀ

ଜନମ ଲଭିଣ ଯା'କୋଳେ ପଡିଲି
ସେହି ମୋର ମାଟି ମା'ଟି,
ତା'ଛାତିରେ ପାଦ ଦେଇ ବଡ଼ହେଲି
ରଖିବି ତା'ର ନାଆଁଟି ।।

ରତ୍ନଗର୍ଭା ମୋର ଉତ୍କଳ ମାଆଟି
ସର୍ବ ସଂପଦରେ ପୂର୍ଣ୍ଣ,
ଋତୁ ଅନୁଯାୟୀ ନାନା ଫୁଲ ଫଳେ
ହୋଇଥାଏ ପରିପୂର୍ଣ୍ଣ ।।

ଯା'ପାଣି ପବନ ଫଳ ଶସ୍ୟେ ଗଢ଼ା
ହୋଇଛି ଜୀବନ ମୋ'ର,
ଯା'ର ଫଳ ମୂଳ ମୋ'ର ଯେ ଆହାର
ପିଏ ଧରଣୀର ନୀର ।।

ଯା'ନଦୀ ପୋଖରୀ ଝରଣାର ଜଳ
କେତେ ଯହିଁ ନିରିମଳ,
ଗଛଲତା ସବୁ ଦେଇଣ ଥାଆନ୍ତି
ନାନା ମିଠାମିଠା ଫଳ ।।

ମାଟିର ସୁରକ୍ଷା ଆମର ଦାୟିତ୍ୱ
ବୃକ୍ଷ ରୋପିଯିବା ଆସ,
ଦ୍ରୁମ ହୋଇ ସିଏ ସଂରକ୍ଷଣ କରେ
ମୃତିକା ଓ ପରିବେଶ ।।

ପଞ୍ଚ ମହାଭୁତେ ଗଢ଼ାଏ ଶରୀର
ମାଟିରେ ଦିନେ ମିଶିବ,
ମନେ ଗର୍ବଭାବ ରଖିବାନି କେବେ
ଆମେ ପରା ଶ୍ରେଷ୍ଠଜୀବ ।।

କେତେ ତପ ବଳେ କେତେ ପୁଣ୍ୟ ଫଳେ
ଜନମିଛେ ମାଟି କୋଳେ,
ତାହାରି ପାଇଁକି ଜୀବନ ଦେବାକୁ
ଡରିବା ନାହିଁ ଯେ ତିଳେ ।।

ବନ୍ଧୁଗାଁ,
କୋରାପୁଟ

ଆମ କବିତା



# ମାଟି

ଜ୍ୟୋତିପ୍ରଭା ପଟ୍ଟନାୟକ

ଯେଉଁ ମାଟିରେ ଜନମ ହେଲେ
ବଢ଼ିଲେ ଯା'ର କୋଳେ,
ସେହି ମାଟିକୁ କରନି ନଷ୍ଟ
ମନରେ ଭାବ ତିଳେ।
ଯେଉଁ ମାଟିର ଗଛ ପତର
ଦିଅଇ ଖାଦ୍ୟ ବାସ,
ବୃକ୍ଷଟି ଅମ୍ଳଜାନ ଦିଅଇ
ନେଉ ନିଃଶ୍ୱାସ ପ୍ରଶ୍ୱାସ।
ସଭ୍ୟତା ନାମେ ବୃକ୍ଷକୁ କାଟି
ଜଙ୍ଗଲ କରୁ ପଦା,
ନିଜ ଗୋଡ଼ରେ କୁରାଢ଼ୀ ମାରୁ
ନାହିଁ ଟିକିଏ ଚିନ୍ତା।
ଝରଣା ନଈ ଯାଉଛି ବହି
ଦେଉଛି ମିଠା ଜଳ,
ବର୍ଜ୍ୟବସ୍ତୁ ରେ ଦୂଷିତ କରି
ଆମେ ଭୋଗୁଛନ୍ତି ଫଳ।
ଜୈବିକ ସାର ଖତ ଗୋବର
ମାଟି ଉର୍ବର କରେ,
ଅଧିକ ଲାଭ ଲୋଭ ଆଶାରେ
ରାସାୟନିକ ଢାଳେ।

ଚାଷ ଜମିର ଉର୍ବରତା
କମୁଛି ଦିନୁ ଦିନ,
ମୁହଁ ଫେରେଇ ନେଲେଣି ଚାଷୀ
ପଡିଆ ବିଲ ବନ।
ମାଟିରେ ପୋତି ଦେବାରେ ଗଛ
ଜଙ୍ଗଲ ହେବ ସୃଷ୍ଟି,
ଜଙ୍ଗଲ ହେଲେ ବରଷା ହେବ
ବଢ଼ିବ ଭୂପୃଷ୍ଠ ଜଳଟି।
ପ୍ଲାଷ୍ଟିକ ଜରି ମାଟିରେ ପଡି
କରୁଛି ମାଟି ନଷ୍ଟ,
ଶପଥ ନେବା ପଣ କରିବା
ମାଟିକୁ ଦେବାନି କଷ୍ଟ।
ବର୍ଜ୍ୟବସ୍ତୁକୁ ଜଳ ଉତ୍ସରେ
କେବେ ଛାଡିବା ନାହିଁ,
ଜଳ ଜୀବଙ୍କ ମୃତ୍ୟୁର ମାର୍ଗ
ଅଟଇ ପରା ଏହି।
ଗୋମାତା ସେବା କରିବା ଆମେ
ଜମିରେ ଦେବା ଖତ,
ଫସଲ ଦେଖି ଚାଷୀର ମନ
ହୋଇବ ପ୍ରଫୁଲ୍ଲିତ।

ମାଟିର ପାତ୍ର ଗଢ଼େ କୁମ୍ଭାର
କୁଟୀର ଶିଳ୍ପ ଅଟେ,
ପ୍ରୋତ୍ସାହନଟି ପାଇଲେ ସିଏ
ଅର୍ଥ ସଙ୍କଟେ ତୁଟେ।
ମାଟିରେ ଜନ୍ମ ହୋଇଲେ ଦିନେ
ଅନ୍ତୁଡ଼ି ନିଆଁ ଜାଳି,
ସେହି ମାଟିରେ ଜୀବନ ଦୀପ
ଲିଭିବ ଚିତା ଜଳି।
କୃଷକ ଆମେ ,ଶ୍ରମିକ ଆମେ
ଆମେ ମାଟିର ସୈନିକ,
ମାଟି ମାଆର ଋଣ ଶୁଝିବା
ରଖିବା ମାଟି ଟେକ।
ମାଟି ଦେଇଛି ଆମକୁ ପ୍ରାଣ
ସେ ପରା ଆମ ମାଆ,
ମାଆର ସ୍ନେହ ମମତା ଦେଇ
ଦେଖାଏ ନୂଆ ରାହା।
ମାଆଟି ମୋର ଅତି ନିଜର
ସେପରି ଜନ୍ମ ମାଟି,
ଚରଣ ତଳେ ପ୍ରଣତି ଢାଳେ
ନମନ କୋଟି କୋଟି।

ଖୋର୍ଦ୍ଧା

# ମାଟି

## ବୀଣାପାଣି ଦେବୀ

ମାଟି ପିଣ୍ଡେ ଗଢ଼ା ଆମ ଏ ପୃଥିବୀ
ମାଟି ତା'ର ଉପାଦାନ
କେତେ ଯେ ବରଷ ବିଘଟନ ପରେ
ମାଟି ହୁଏ ଶିଳା ଚୂର୍ଣ୍ଣ।
ମାଟି ମା', ଆମ ଦ୍ୱିତୀୟ ଜନନୀ
ସ୍ୱର୍ଗାଦପି ଗରିୟସୀ
ଜନ୍ମମାଟି ବୋଲି ଗର୍ବ କରୁ ଆମେ
ଜନ୍ମଭୂମି ମହିୟସୀ।
ଲତା ଗୁଳ୍ମ ବୃକ୍ଷ ମାଟି ମା' ଦାନ
ରଖିଛି ଯତନ କରି
ସୁଚାରୁ କୁସୁମ ସୁଧାମୟ ଫଳ
ବନେ ଉପବନେ ଭରି।
ମାଟି ପିଣ୍ଡେ ଗଢ଼ା ଆମ ଏ ଶରୀର
ମରଣ ଶେଜରେ ବାଲି
ମଶାଣି ଭୂଇଁରେ ଜୁଇର ନିଆଁରେ
ପାଉଁଶ ପଡ଼ଇ ଝରି।
ପାଉଁଶ ଶେଷରେ ମିଶଇ ମାଟିରେ
ଶରୀରର ଅବଶେଷ
ମାଟିର ମହକ ଭରି ଦିଏ ସୁଖ
ଦେଇ ଶୀତଳ ପରଶ।
ଏ ମାଟି ଚନ୍ଦନ ତିଳକ ସମାନ
ଗର୍ବରେ ବୋଳି ମଥାରେ
ମାଟି ମା' ପାଇଁ ଦେବାରେ ଜୀବନ
ମଥା ନଇଁ ତା' ପାଦରେ।
ଏ ମାଟି ଚନ୍ଦନ ଆମ ପାଇଁ ପୂଣ୍ୟ
ଧନ୍ୟ ଏ ଉତ୍କଳ ମାଟି
ମୁଠାଏ ମାଟିରେ କେତେ ଆତ୍ମୀୟତା
ଆପେ ଯାଏ ଶିର ଲୋଟି।

ବାଣପୁର, ଖୋର୍ଦ୍ଧା

# ମାଟିର ମଣିଷ

**ସନ୍ତୋଷିନୀ ଦାଶ**



କୃଷକ ଭାଇଟି କୃଷି କାମ କରି
ସଭିଙ୍କୁ ଦିଏ ଆହାର
ମାଟିର ମଣିଷ ମାଟି କାମ କରି
ଧନ୍ୟ ଜୀବନ ତାହାର।

କୁମ୍ଭାର ଭାଇଟି ମାଟିକୁ ଚକଟି
ଗଢ଼ଇ ହାଣ୍ଡି ମାଠିଆ
ମାଟି ମାଠିଆର ସୁଶୀତଳ ଜଳ
ପୁଲକିତ କରେ ହିଆ।

ମାଟିର ମଣିଷ ମାଟି ମୂର୍ତ୍ତି ଗଢେ
ଲାଗେ ଜୀବନ୍ତ ପ୍ରତିମା
ସତେ କି ଦେବୀ ମର୍ତ୍ତ୍ୟେ ଅବତୀର୍ଣ୍ଣା
ନାହିଁ ତାହାର ଉପମା।

ମାଟି କାନ୍ଥ ଘର ଚାଳର ଛପର
ଦେହ ପକ୍ଷେ ହିତକର
ଜଣା ପଡ଼େ ନାହିଁ ଖରା ବର୍ଷା ଶୀତ
ନାହିଁ ଆଉ ତା' ଆଦର।

ମାଟି ମାଆ କୋଳେ ଜନମିଛୁ ଦିନେ
ମାଟିରେ ପଡ଼ିବା ଶୋଇ
ଆଜୀବନ ଆମେ ମାଆ ସେବା କରି
ଧନ୍ୟ ହୋଇବାରେ ଭାଇ।

ବରଗଡ଼

# ମାଟି ମାଆ

**ରୋଜାଲିନ୍ ପଟ୍ଟନାୟକ**



ମାଟି ମାଆ ଦେଇଛି ଆମକୁ ଯେ ମାଟିରେ,
କରିବା ତା' ଉପଯୋଗ କାମରେ ଲଗାଇରେ,
ସେଇ ତ ଆମରି ଧନ, ଆମେ ରଖିବା ତା' ମାନ,
ସେଥିରେ କରିବା କେତେ ପରକାର ଚିଜରେ
ମାଟି ମାଆ ଦେଇଛି ଆମକୁ ଯେ ମାଟିରେ (୧)

ମାଟି ଆଣି କେତେ ଗଛ ଲଗାଇବା ଆମେରେ,
କୁମ୍ଭାରକୁ ଦେଇ ମାଠିଆ ଗଢାଇବାରେ;
ହାଣ୍ଡି, କୁଡୁଆ, କଣ୍ଢେଇ, ଫୁଲକୁଣ୍ଡ ଯେ ଗଢାଇ,
ଦୀପ, ଘଡି, ସରା ନେଇ ପୂଜାଘରେ ରଖିବା
ମାଟି ଆଣି ଆମେ କେତେ ଗଛ ଲଗାଇବାରେ (୨)

ସେଇ ମାଟି ଦୀପ ସଦା ଜଳାଇ ଯେ ଭକତ
ହରି, ହର, ଶକ୍ତିକୁ ଯେ କରଇ ସେ ମୋହିତ
ମାଟିର ଦୀପାଳୀ ଜାଳି, ପାଳୁଛୁ ଯେ ଦୀପାବଳୀ,
ଶ୍ମଶାନ, କୁଟୀର, ଉଆସ କରୁ ଆଲୋକିତ
ସେଇ ମାଟି ଦୀପ ସଦା ଜଳାଇ ଯେ ଭକତ (୨)

ତେଣୁ ନୁହଁଇ କେବେ ଏ ମାଟି ଚିଜଟି ହୀନ
ଜଗତରେ ଅଟଇ ଯେ ସବୁଠି ମାଟି ମହାନ;
ମାଟି ମାଆ ପାଦ ପୂଜି, ତାହା ସାଥେ ଯିବା ଭିଜି,
ମିଶିବାଟି କୋଳେ ତା'ର ଶେଷ ହେଲେ ଆମ ଦିନ
ସେଇ ମାଟି ଦୀପ ଜାଳି ଭକ୍ତ ମନ ବାଞ୍ଛା ପୂର୍ଣ୍ଣ (୩)

ନେତାଜୀ ନଗର, ଲେନ୍- ୨,
ପଲ୍ଲା, ଖୋର୍ଦ୍ଧା



# ମାଟି

ତଫିକୁଲ ହୋସେନ

କଇଁ କଇଁ ଶୁଭେ କାହାର କ୍ରନ୍ଦନ
ଚତୁର୍ଦିଗେ ଦର୍ଶନ ମିଳେନି କାହାରି
ଖୋଜି ପାଇଲି ମୁଁ ଯେବେ
ମୋ' ମାଟି ମା'କୁ
ମୋ' ବଦନ ଗଲା ଥରି

ରକ୍ତ ଜୁଡୁବୁଡୁ ଥିଲା ତା' ଶରୀର
ଚକ୍ଷୁରୁ ବୋହୁଥାଏ ଲୋତକ ଧାର
ବିକଳେ ସେ ଅନାଇ ଥିଲା ମତେ
ମତେ ଚାରିପାଖ ଦେଖାଗଲା ଅନ୍ଧାର

ତୀକ୍ଷ୍ଣ ହେଲା କୋପ,
ପଚାରିଲି କିଏ କଲା ତୁମ ଏ ରୂପ
ନ ପାଇଲି କିଛି ଉତ୍ତର ମୁହିଁ
ଅସ୍ତବ୍ୟସ୍ତ ହେଲି
ଚଉପାଶେ ପୁଣି ଅନୁଧ୍ୟାନ କଲି

ଭାସି ଆସିଲା ଏକ କଣ୍ଠ ସ୍ୱର
ତଥାପି ବୁଝି ପାରୁନ ହେ ପୁତ୍ର ମୋହର
ଆଉ କେତେ ଖଣ୍ଡ କରିବ ମତେ
ସୀମା ସରହଦରେ ଭାଗ ଭାଗ ହୋଇ
ଆଉ ମୁଁ ନିଜକୁ ନିଜେ ଚିହ୍ନି ପାରୁନି ସତେ

ପ୍ରଥମେ ମଣିଷ ଅହଙ୍କାର ପାଇଁ ହେଲି ଖଣ୍ଡ ଖଣ୍ଡ
ତଥାପି ମେଣ୍ଟିଲାନି ଶୋଷ
କେବେ ଜାତି ଧର୍ମ ପାଇଁ ଭୋଗୁଛି ମୁଁ ଦଣ୍ଡ
ଭାଇ ଯେବେ ହେଲା ଭଗାରି
ଆଉ କାହାକୁ କରିବି ମୁଁ ଗୁହାରି
ସବୁଠି ଚାଲିଛି କେବଳ ରକ୍ତପାତ
ଏସମସ୍ତ କୁଚକ୍ର କେବେ ହେବ ପଣ୍ଡ

ପାରୁଛ କି ତୁମେ ମୋ' ଏ ଅବସ୍ଥା ସହି?
ଆସ ଆସ ମୋ' ସନ୍ତାନ
ଶପଥ ନିଅ, ଶାନ୍ତି ମୈତ୍ରୀ ପ୍ରେମର ବାର୍ତ୍ତାବହ ହୁଅ
ସମଗ୍ର ପୃଥିବୀ ପୁଣି ହସି ଉଠିବ
ସମସ୍ତଙ୍କୁ ଏତିକି ମିନତି ମୋହରି ।।

ଚିପିଲିମା,
ସମ୍ବଲପୁର



# ମାଟି

**ଆରତୀ ପ୍ରହରାଜ**

ଏଇ ମାଟି ଆମ ପ୍ରାଣ ଆମରି ଜନନୀ
ସ୍ବର୍ଣ୍ଣମୟୀ ସୁଶୋଭିତା ସୁର ପ୍ରସବିନୀ
ଜୀବଟିଏ ଅଙ୍କୁରିତ ହୁଏ ଏଇ ମାଟିରେ
ଜୀବନର ଶେଷ ଜୀବ ଲୀନ ହୁଏ ଏଥିରେ
ମାଟି ବୁକେ ସୁନା ଫଳେ ଅମୂଲ ତା' ମୂଲ
ସାରା ଜଗତର ଖୁସି ମାଟି ମୂଳେ ଠୁଳ
ମାଟି ଆମ ଅଭିମାନ ମାଟି ଆମ ସ୍ବାଭିମାନ
ମାଟି ରଖେ ସନ୍ତୁଳନ ମାଟି ତୁହି ମହୀୟାନ
ଦେଶର ବିଭବ ତୁହି ଦେଶର ଗରବ
ନିରନ୍ତର ଦେଉଅଛୁ ପ୍ରିୟ ଅନୁଭବ
ମାଟିର ମଣିଷ ଆମେ ମାଟିର ମେଖଳା
ତୋ' ଧନ ସମ୍ପଦ ନେଇ କରୁ ଲୀଳା ଖେଳା
ଶପଥ କରିବା ଆମେ ମାଟି ତୋତେ ଛୁଇଁ
ତୋ' ସୁରକ୍ଷା କରୁଥିବା ହସୁଥିବୁ ତୁହି ।

ଭୁବନେଶ୍ୱର



# ମାଟି

**ସୂର୍ଯ୍ୟକାନ୍ତି ଦାଶ**

କଅଁଳ ଶିଶୁଟି କୁଆଁ କୁଆଁ ଡାକି
ପହିଲେ ପଡ଼େ ସେ ମାଟି
ଚାଲେ ଝୁଣ୍ଟି ଝୁଣ୍ଟି ଜୀବନ ସାଉଁଟି
କୋଳେ ଯାଏ ତା'ର ଲୋଟି ।
ସୁନା ରୁପା ମୂଲ କେ କରିବ ତୁଲ
ମାଟି ଗରଭରୁ ଜାତ
ମନ ବିମୋହିତ ଅଙ୍ଗ ସୁଶୋଭିତ
ନାହିଁ ତା'ର ଆଦି ଅନ୍ତ ।
ମାଟି ପିତା କଷା ମିଠା ଫଳ ଦିଏ
ବଢ଼ିବାରେ ଯେ ସହାୟ
ବୃକ୍ଷ ଲଗାଇବା କ୍ଷୟ ନକରିବା
ନହେବା କେବେ ନିର୍ଦ୍ଦୟ ।
ଚଢ଼େଇ ଛୁଆଟି ଆଖିକୁ ତରାଟି
ଆକାଶୁ ଦେଖେତ ମାଟି
ଖାଏ ପୋକ ଖୁଣ୍ଟି ମାଟିପରେ ଲୋଟି
ମାଆ ସାଥେ ବାଣ୍ଟି କୁଣ୍ଟି ।
ମାଟି ତ ଉଦାର ହୃଦୟ ଗଭୀର
ସମସ୍ତେ ସନ୍ତାନ ତା'ର
ବଡ଼ ସାନ ଭେଦ ଭାବର ବିଚାର
ନଥାଏ ତା'ର ଅନ୍ତର ।
ପଶୁ ପକ୍ଷୀ କୀଟ ବୃକ୍ଷ ତରୁଲତା
କାମଧେନୁ ସେ ସବୁରି
ସମସ୍ତ କାମନା କରିଥାଏ ପୂର୍ଣ୍ଣ
ଗୁଣ ତା'ର ଅସୁମାରୀ ।

ମୋ' ଗାଆଁର ମାଟି ପବିତ୍ର ନିର୍ମଳ
ସଦା ସେ ଚିର ନମସ୍ୟ
ଭୁଲିନି ଭୁଲିବି କେବେ ତାର ନାଆଁ
କୋଳେ ତା ଶେଷ ନିଶ୍ୱାସ ।
ମାଟି ଦିଏ ବଳ ଜିଇଁବା କୌଶଳ
କରେ ଜୀବନ ସଫଳ
ବଢ଼େ ତା'ର କୋଳ ସବୁର ସେ ମୂଳ
ସ୍ନେହ ମମତାରେ ଠୁଳ ।
ରାତ୍ରିର ଆକାଶେ ତାରା ଜହ୍ନ ଭାସେ
ବୁଣନ୍ତି ସ୍ୱଚ୍ଛ କିରଣ
ଜହ୍ନର ପରଶେ ମାଟି ମାଆ ହସେ
କେତେ ତା'ର ଅବଦାନ ।
କୂପ ପୁଷ୍କରିଣୀ ସାଗର ତଟିନୀ
ଖୁସିରେ ବିଭୋର ଆଜି
ତା'ଦେହରେ ଲୋଟି ସୁଖ ଦିଏ ବାଣ୍ଟି
ସଦା ରୁହେ ମାଆ ସାଜି ।
ଚାଷୀ କରେ ଚାଷ ଗଢ଼ନ୍ତି ଯେ ବାସ
ବରଷକ ବାରମାସ
ନଥାଏ ତା' କ୍ଲେଶ ଦୁଃଖ ହେଉ ଶେଷ
ସର୍ବ ସେବାରେ ତ ବଶ ।
ଜଙ୍ଗଲ ମଧ୍ୟରେ ଶୋଭା ପାଉଥାଏ
ସୁନ୍ଦର ଶାଗୁଆ ବନ
ଏଧରା ପୃଷ୍ଠରେ ହର୍ଷ ଆନନ୍ଦରେ
ରଖନ୍ତୁ ଚକନୟନ ।

**ଓଗାଳପଡା, ଯାଆଁଳା,**
**ଖୋର୍ଦ୍ଧା**

# ମାଟି

## ମିନତୀ ଶତପଥୀ

ଜନନୀ ଜଠରୁ ପହିଲେ ପଡ଼ି ସେ
ମାଟି ମା' କୋଳ ଛୁଏଁ,
ଏ ମାଟିର ପାଣି ପବନ ସଭିଙ୍କ
ଜୀବନକୁ ଗଢ଼ି ଦିଏ ।।

ଉଦାର ତା' ହୃଦ କେତେ ପଦାଘାତ
ନୀରବରେ ଯାଏ ସହି,
ପ୍ରତି ଧମନୀରେ ତା' ଝରଣା ଜଳ
ରକ୍ତ ହୋଇଯାଏ ବହି।।

ନାନା ଜାତି ଫୁଲ ଫଳ ସମ୍ଭାରକୁ
ରଖିଛି ବକ୍ଷେ ସାଇତି ,
ପ୍ରତିବାଦ କେବେ କରିନି କାହାରେ
ଅକୁଣ୍ଠିତେ ଦିଏ ଯାଚି ।।

କେତେ କେତେ ବୀର ସୁଯୋଗ୍ୟ ସନ୍ତାନ
ଏ ମାଟି ଧରିଛି କୋଳେ ,
ଏ ମାଟି ଦେଖିଛି କେତେ ଅହଙ୍କାରୀ
ଲୋଟିଛନ୍ତି ରସାତଳେ ।।

ମାଟିର ମହକ ମାଟିର ମମତା।
ସିଏତ ଅମୂଲ ମୂଲ ,
ମା' ଠାରୁ ମାଟି ଅଟେ ମହୀୟାନ
କେ କଳିବ ତା'ର ମୂଲ୍ୟ ।।

ବତୁରା ମାଟିର ବାସ୍ନାରେ କେବେ
ମନ ବିଭୋରିତ ହୁଏ ,
ନନ୍ଦନ ବନ ଗହନ କାନନେ
ଅବାରିତେ ଧାଇଁ ଯାଏ ।।

ମାଟିର ମୋହରେ କି ଯାଦୁ ରହିଛି
ଟାଣି ଆଣେ ପାଶେ ତା'ର,
ସାତ ଦରିଆର ସେପାରିରୁ ବନ୍ଧୁ
ଛୁଟି ଆସେ ସୌଦାଗର ।।

ମୁଠାଏ ମାଟିର ମାନ ରଖିବାକୁ
ଏ ଦେଶ ବୀର ଯବାନ ,
କୁଣ୍ଠିତ ନୋହି ହସି ହସି ସେ ଯେ
ବରଣ କରେ ମରଣ ।।

ନଶ୍ୱର ଶରୀର ମାଟି କୋଳେ ଦିନେ
ଅବଶ୍ୟ ହୋଇବ ଶେଷ,
ଶେଷ ହେବା ଆଗୁ ମାଟି ମା ପାଇଁ
କିଛି କରିଯିବା ଆସ ।।

ବାଣପୁର,
ଖୋର୍ଦ୍ଧା

# ମାଟି

**ବିଷ୍ଣୁପ୍ରିୟା ପ୍ରତାପ ସିଂ**

ମାଟି ନୁହେଁ ସିଏ ମାଆଟି ଆମର
କିଏ ହେବ ତା'ର ତୁଲ
ଜନ୍ମ ଜନ୍ମାନ୍ତର ଗୁଣି ହେଉଥିବା
ଗୁଣ ତା' ଅମୂଲ ମୂଲ ।
ଜନନୀ ଗରଭୁ ପ୍ରଥମ ପରଶ
ମାଟି ପରେ ପାଇ ଥାଉ
ତା'ର ଫୁଲ ଫଳ ଶାକ ତଣ୍ଡୁଳରେ
ଛୋଟରୁ ଯେ ବଡ଼ ହେଉ ।
ଶସ୍ୟ ଶ୍ୟାମଳା ଏ ଧରଣୀ ରାଣୀଟି
ମାଟିର ପରଶ ପାଇ
ପଶୁ ପକ୍ଷୀଙ୍କର ବାସ ସ୍ଥଳୀ ସିଏ
ସତେ ଅବା ଚରାଭୂଇଁ ।
କେତେ ନଦନଦୀ ବଣ ପାହାଡ଼ରେ
ପରିପୂର୍ଣ୍ଣ ତା'ର ଦେଶ
ମନ୍ଦିର ମସଜିଦ ନାନା ତୀର୍ଥ ସ୍ଥାନ
ମନକୁ କରଇ ତୋଷ ।

କୃଷକ ବାପୁଡ଼ା ମାଟିକୁ ଯେ ଚଷି
ଫଳାଏ ସୁନା ଫସଲ
ମାନବ ଜଗତ ମୁଖରେ ଆହାର
ଦେଇଥାଏ ନିରନ୍ତର ।
କୁମ୍ଭକାର ଯେଉଁ ଜୀବନ ବଞ୍ଚାଏ
ମାଟିକୁ ସାହାରା କରି
ହାଣ୍ଡିରୁ ମାଠିଆ ଗଢ଼ି ଦେଉଥାଏ
କଳା ଚାତୁରୀରେ ଭରି ।
କେତେ କେତେ ବୀର ଯୋଗ୍ୟତମ ସୁତ
ଧରିଛି ଏ ମାଟି କୋଳେ
ତାଙ୍କରି ଗରବ ଗଉରବ ରାଜି
ଅକ୍ଷୟ ଏ ଧରାତଳେ ।
ମାଟି ମାଆ କୋଳେ ଜନମିଛୁ ଦିନେ
ମରଣ ଯେ ଧ୍ରୁବ ସତ୍ୟ
ଆଜୀବନ ଆମେ ତା'ର ସେବା ପାଇଁ
କରିବା ଦୃଢ଼ ଶପଥ ।

ଭୂଷଣ୍ଡପୁର,
ଖୋର୍ଦ୍ଧା

# ମାଟି ଆମରି ମାଆ

ସଞ୍ଜୁକ୍ତା ଚମ୍ପତିରାୟ

ମାଟି ମାଆର ରଖିବା ନାଆଁ
ମାଟି ଆମରି ମାଆ
ସୁଜଳା ସୁଫଳା ଶସ୍ୟ ଶ୍ୟାମଳା
କରେ ସାରା ଦୁନିଆ।
ଗରଭେ ତା'ର ରହିଛି ଭରି
କେତେ ପ୍ରକାର ଧନ
ଖଣି ଖୋଳିଲେ ମିଳଇ ତାହା
ରଖ କରି ଯତନ।
ମଞ୍ଜିଟେ ପୋତି ମାଟିର ତଳେ
ଢ଼ାଳିବା ମୂଳେ ଜଳ
ନୂଆ ଗଛଟେ ଜୀବନ ପାଇ
ମେଲିବ ଶାଖା ଡାଳ।
ମାଟିରେ ଗଢ଼ା କେତେ ଦରବ
ବାସନ ଠାରୁ ଘର
ଘରକରଣା ସଜ ସାମାନ
ନୁହେଁ କେ ତା'ର ତୁଲ।

ମାଟି ତିଆରି ଖେଳଣା ସବୁ
ପିଲାମାନଙ୍କ ପ୍ରିୟ
ଘର ସଜାରେ ତା'ପରି ଆଉ
କେହି ସମାନ ନୁହଁ।
ଏଇ ମାଟିରେ ଜାତି ଜାତିକା
କେତେ ଫୁଲ ଫଳ ହୁଏ
ମାଟିରେ ପୁଣି ଦେବାଦେବୀଙ୍କ
ମୂର୍ତ୍ତି ପ୍ରତିଷ୍ଠା ହୁଏ।
ମାଟିର ମୂଲ ଯେତେ ବି ଦେଲେ
ପୂରଣ ହେବ ନାହିଁ
ମାଟି ମାଆର ଅବଦାନର
ତୁଳନା ପରା ନାହିଁ।
ମାଟି ମାଆକୁ ଏଇ ହୃଦରେ
ଶତତ ନମସ୍କାର
ଜୀବନ ଆମ ମାଟିରେ ଗଢ଼ା
ମାଟିରେ ଶେଷ ତା'ର।

ଜଙ୍କିଆ,
ଖୋରଧା

# ମାଟି

## ଅଶେଷ ଲୋଚନ ଆଚାର୍ଯ୍ୟ

ମାଟି ଇଚ୍ଛା ମାଟି ପଡିଥିବ ଏଠି
ଚାଲିଯିବା ବାଟ କାଟି,
ମୋ'ର ମୋ'ର ବୋଲି ତୁଚ୍ଛାଟାରେ ସିନା
କରୁଅଛୁ ଆମେ ପାଟି। (୧)
ନାମର ବଦଳ ହେଉଅଛି ସିନା
ବଦଳି ଯାଏନି ମାଟି,
ତଥାପି କେଜାଣି କାହିଁକି ହେଉଛୁ
ମାଟି ପାଇଁ ପିଟାପିଟି। (୨)
ଭାଗ ବଣ୍ଟରାରେ ଟୁକୁରା ଟୁକୁରା
କରୁଅଛୁ ଆମେ ମାଟି,
ସମୟ ସୁଅରେ ଭାଙ୍ଗିଯିବ ହିଡ
ସମତଳ ହେବ ମାଟି। (୩)
ହାତରୁ ହାତକୁ ଡେଇଁ ଚାଲିଯାଏ
ସମୟ ଚକରେ ମାଟି,
କାଲି ରହିଥିଲା ଆଉ କାହା ହାତେ
ଆଜି ଆମ ହାତେ ମାଟି। (୪)
ଆଜି ଅଛି ସିନା ଆମରି ହାତରେ
ରହିବନି କାଲି ମାଟି,
ମାୟାର ଜାଲରେ ଛନ୍ଦିହୋଇ ଆମେ
ହେଉଅଛୁ ଛାଟିପିଟି। (୫)

ନଭଶ୍ଚୁମ୍ବୀ ଘର ଦେଖି ଆମ ଛାତି
ଗରବରେ ଯାଏ ଫାଟି,
ସମୟ ଝଡ଼ରେ ଭୁଷୁଡ଼ି ପଡ଼ିବ
ପୁଣି ହୋଇଯିବ ମାଟି। (୬)
ଜନ୍ମ ହୋଇ ଆମେ ପଡ଼ିଲୁ ମାଟିରେ
କୋଳେଇ ଧରିଲା ମାଟି,
ଡେଇଁଲୁ ଖେଳିଲୁ ମାଟିର ଛାତିରେ
କେବେ କରିନାହିଁ ପାଟି। (୭)
ପାଦତଳୁ ମାଟି ପଡ଼ିଲେ ଭୁଷୁଡ଼ି
ଭୂଇଁରେ ପଡିବା ଲୋଟି,
ମାଟି ସର୍ବଂସହା ମାଆଟି ଆମର
ଭୁଲିବାନି ତା' ନାଆଁଟି। (୮)
ଖାଦ୍ୟପେୟ ବସ୍ତ୍ର ପୁଣି ବାସଗୃହ
ସବୁ ଦେଇଥାଏ ମାଟି,
ମାଟି ବିନା ଏଇ ଜୀବନ ଆମର
ସତରେ ହୋଇବ ମାଟି। (୯)
କୋଟି ନମସ୍କାର ମାଟିକୁ ଆମର
ପାଦତଳେ ଥାଏ ମାଟି,
ଜନମ ବେଳାରେ ମରଣ କାଳରେ
ସାହା ଏକା ସେଇ ମାଟି। (୧୦)

ବଳଭଦ୍ରପୁର,
ମୟୂରଭଞ୍ଜ



# ମାଟି

## ନଳିନୀ ପ୍ରଭା ଦାସ

ମା' ତୁମେ ଧରିତ୍ରୀ
ଧାରଣ କରିଛ ବକ୍ଷେ
ସରିତ, ତଟିନୀ,
ତଡ଼ାଗ ସବୁଜ ବନାନୀ
ସବୁଜିମା ବଳୟଟି
ଯାଏ ଧୀରେ ହଜି
ବଞ୍ଚାଇବା ପାଇଁ 'ମାଟି'
ଜରୁରୀ ବୃକ୍ଷ ରୋପଣଟି ॥

ମା' ତୁମେ ସର୍ବଂସହା
ସୃଷ୍ଟି କରି
ଜୀବ ସଂଚରନା
ତବୋପରି ସୃଷ୍ଟିକର୍ତ୍ତା
କଲେ ସର୍ବଂସହା
କ୍ଷତବିକ୍ଷତ କରନ୍ତି ମାନବ
ନିଜ ସ୍ୱାର୍ଥ ପାଇଁ
ହେଲେ,
ତୁ' ସହିଛୁ ସବୁ
ନୀରବ ଦ୍ରଷ୍ଟା ହୋଇ ॥

ମା', ତୁମେ ଅନ୍ନପୂର୍ଣ୍ଣା
ଶସ୍ୟର ସମ୍ଭାର
ଜଗତର ଆହାର
କୃଷକର ତେଲ ଲୁଣ ସଂସାର
ମଟାଳ, ଦୋରସା, ପଟୁ
ସହି ଲୌହର କର୍ଷଣ
ଜର୍ଜରିତ ହୋଇ ଯନ୍ତ୍ରଣାରେ
ଅଜାଡି ଦେଇଛ ଜଗତକୁ ଅନ୍ନ ॥

ତୋ' ବକ୍ଷରେ ସୃଷ୍ଟି
ଆଜି କଳକାରଖାନା
ଭେଦ କରେ ଗଭୀର ପ୍ରଦେଶ
ଲୌହର ସେ ଦଣ୍ଡ
ବିଦାରି ବିଦାରି ଯାଏ
ସ୍ତର ପରେ ସ୍ତର
ନିର୍ଗତ ଧୂମ କରେ ପ୍ରଦୂଷିତ
ଜୀବ ନିଃଶ୍ୱାସ ପ୍ରଶ୍ୱାସ
ତଥାପି ସହିଛୁ ମାଆ
ଧରି ତୁହି ମାଟି ମାଆ ରୂପ ॥

ମାଟିରେ ଗଢ଼ା ଜୀବନ
ପଞ୍ଚତତ୍ତ୍ୱ ମିଶ୍ରଣ
ଶୂନ୍ୟତାରେ ଖୋଜି ବୁଲୁ
ତତ୍ତ୍ୱ ଜୀବନର
ଜୀବ ରୂପୀ ଶୁକ ଯେବେ
ଯିବ ଘଟ ଛାଡ଼ି
ମାଟିର ଏ ଦେହ
ଦିନେ ମିଶିବ ମାଟିରେ ॥

ଜନନୀ ଜନ୍ମଭୂମି....
ବୀର ପ୍ରସବିନୀ
ସୌନ୍ଦର୍ଯ୍ୟରେ ବିମଣ୍ଡିତା
ଉତ୍କଳ ଜନନୀ
ଦେବଭୂମି, ଆର୍ଯ୍ୟଭୂମି
ବିଭବଶାଳିନୀ
କୋଟି କୋଟି ଦଣ୍ଡବତ
ଭାରତ ଜନନୀ
ବନ୍ଦେ ମୋ' ମାଟି ମାଆ
ଉତ୍କଳ ଜନନୀ ।।

କଲମପୁର,
କଳାହାଣ୍ଡି



# ମାଟି

**ଅଳକା ଦାସ**

ମାଟି, ମାଟି, ମାଟି
ମାଟି ନୁହେଁ ସେ ଆମ ମାଆଟି...
ଟାଙ୍ଗରା ଭୁଇଁରେ ମରୁଭୂମି
କଣ୍ଟା ମାଟିରେ ଫୁଟଇ ଫୁଲ
ସେ ଫୁଲ ଠାକୁର ଗଳାରେ ଲୋଟଇ
ସିଏତ ଅମୂଲ ମୂଲ
ରତ୍ନଗର୍ଭା ଏଇ ମାଟି ମୋର ବୋଲି
ଫଳେ ହୀରା-ନୀଳା-ମୋତି ।୦।

ମାଟିର ଫସଲେ ଜଗତ ବଞ୍ଚଇ
ପୃଥିବୀର କୋଣେ କୋଣେ
ମାଟିକୁ କିଏ ସେ ଭଲ ନ ପାଇଚି
କୁହ କିଏ ଅଛ ଜଣେ
ମାଟିର ମଣିଷ ମାଟିରେ ମିଶଇ
ଜୀବନ ତା' ଗଲେ ଛୁଟି ।୧।

ଆଦ୍ୟ ଆଷାଢ଼ର
ପହିଲି ବରଷା
ଟୋପାଏ ପଡ଼ିଲେ ଖସି
ସେ ମାଟି ବାସ୍ନାରେ
ସଭିଏଁ ବିଭୋର
ପ୍ରକୃତି ଉଠଇ ହସି
ପ୍ରେମିକ ମନର ପ୍ରୀତିର କଦମ୍ବ
ଆପେ ଆପେ ଯାଏ ଫୁଟି ।୨।

ଏଇ ମାଟି କୋଳେ ସଭିଏଁ ଜନମ
ଗଢ଼ା ଆମ ମାଟି ପିଣ୍ଡ
ଆଞ୍ଜୁଳାଏ ପାଣି ମୁଠାଏ ମାଟିରେ
ଗଢ଼ା ହୋଇଛି ବ୍ରହ୍ମାଣ୍ଡ
ଏଇ ମାଟି ପାଇଁ ଦେଶେ ଦେଶେ ଯୁଦ୍ଧ
କେତେ ଯେ ଯାଇଛି ଘଟି ।୩।

ଖୋର୍ଦ୍ଧା

# ମାଟି ମାଆ

ନଳିନୀ ପ୍ରଭା ମିଶ୍ର

ବକ୍ଷରେ ଯିଏ ଧରିଛି ଆମକୁ
ସିଏ ପରା ଆମ ମାଆଟି
ଆମ ପାଶେ ତା'ର ନାହିଁ ପ୍ରତିବାଦ
ତା' ଠାରୁ କେ ବଡ଼ ନାହିଁଟି
ସିଏ ଆମ ମାଟି ମାଆଟି --------- ।

ସୂରୁଜ ଉତ୍ତାପ ସହୁଅଛି ନିତି
ବରଷାର ଦାଉ ସହଇ
ଜୀବଜନ୍ତୁଙ୍କର ଯେତେ ପଦାଘାତ
ହସି ହସି ବୁକେ ବହଇ
ଗରଭେ ତାହାର ନାନାଦି ସମ୍ପଦ
ତୁଳନା ତାହାର ନାହିଁଟି
ସିଏ ଆମ --------------।

ମାଟିରେ ଜନମି କେତେ କେତେ
ଯୋଦ୍ଧା କେତେ ଯେ ଦେଶ ଭକତ
ଦେଶ ପାଇଁ ଲଢି ହୋଇଲେ ଶହୀଦ
ଢାଳି ନିଜ ଦେହୁ ରକତ
ମୁଠାଏ ମାଟିକୁ ଗୋଟାଇ ଆଣିଲେ
କୋଟି କୋଟି କଥା କହେଟି
ସିଏ ଆମ --------------।

ଲଙ୍ଗଳକୁ ଧରି ଏ ମାଟିକୁ ଚାଷୀ
ପରିଶ୍ରମେ କରେ ଚୁନା
ଶିରାଳ ହାତରେ ଝାଳ ମାରି
ତୁଣ୍ଡେ ଫଳାଏ ଫସଲ ସୁନା
ମାଟିରେ ଜନମ ମାଟିର ମରଣ
ପୁଣ୍ୟ ତୀର୍ଥ ଭରା ନାଆଁଟି
ସିଏ ଆମ --------------।

ଆମ ଆବଶ୍ୟକ ପଦାର୍ଥ ଅନେକ
ମାଟିରେ ହୁଏ ତିଆରି
ମାଟିର ଉପରେ ଆମ ବସବାସ
ଉପଜୀବ୍ୟ ସେ ସବୁରି
ମାଟି ସେ କଲ୍ୟାଣୀ ଜୀବ ଜଗତର
ଧନ୍ୟ ତା'ର ଅବଦାନଟି
ସିଏ ଆମ --------------।

ପାର୍ଥିବ ଶରୀର ଗଢ଼ା ପଞ୍ଚଭୂତେ
ମାଟିରେ ହିଁ ହେବ ବିଲୀନ
ଅବକ୍ଷୟଠାରୁ ସାଇତି ମୃତ୍ତିକା
କରିବା ତା' ଜୟଗାନ
ମାଟି ମା' ଧରଣୀ ଜନନୀ ଆମର
ପଟାନ୍ତର ତା'ର ନାହିଁଟି
ସିଏ ଆମ --------------।

ମୁକୁନ୍ଦପୁର, ଆସ୍କା,
ଗଞ୍ଜାମ

# ମାଟି

ସ୍ୱପ୍ନାରାଣୀ ପାଣିଗ୍ରାହୀ



ମାଟି ନୁହେଁ ସିଏ ମାଆ ସଭିଙ୍କର
ତା' କୋଳ ସରଗପୁର
ବକ୍ଷେ ସାଇତିଛି ଅମୃତ ବାରିଧି
ସବୁଜ ଶସ୍ୟ କେଦାର ।।

ଅଙ୍ଗରୁ କାଢ଼ି ତା' ମୁଠା ମୁଠା ମାଟି
ସରଜି ଦିଏ ଜୀବନ
ଅସୀମ ଧୈର୍ଯ୍ୟରେ ମାୟା ମମତାରେ
ବାନ୍ଧିଛି ସଭିଙ୍କ ପ୍ରାଣ ।।

ଆତ୍ମୀୟତା ଯେତେ ଆକର୍ଷଣ ସେତେ
ମୋହ ଏ ଟିପେ ମାଟିର
ଜଡ଼ଠୁ ଚେତନ ପ୍ରାଣରେ ସ୍ପନ୍ଦନ
କେତେ ସିଏ ଆପଣାର ।।

ସନ୍ତାନ ସୁଖରେ ଅସହ୍ୟ ଯନ୍ତ୍ରଣା
ସହିଥାଏ ନିତି ନିତି
ଯୋଗାଏ ସେ ଖାଦ୍ୟ, ବସ୍ତ୍ର, ବାସଗୃହ
ଚିରି ଚିରି ନିଜ ଛାତି ।।

ଅକ୍ଷୟ ଭଣ୍ଡାର ପ୍ରକୃତି ତାହାର
ଭରା ରତ୍ନ ବିଭବରେ
ବିପୁଳ ଖଣିଜ ଅମୂଲ୍ୟ ସମ୍ପଦ
ସାଇତିଛି ନିଜ କୋଳେ ।।

ପ୍ରତିଧ୍ୱନିତ ସେ ଓଁକାର ଧ୍ୱନି
ଧନ୍ୟ ହୁଏ ମାଟି ମାଆ
ସଂଜୀବନୀ ମନ୍ତ୍ର ଅମୃତ ପରଶ
ବିଦଗ୍ଧ ପ୍ରାଣର ନାହା ।।

ଜନମି ତା' କୋଳେ କବି, ବୀର, ଯୋଦ୍ଧା
କେତେ କେତେ ବରପୁତ୍ର
ଯଶ, କୀରତିରେ, ଗୌରବ ଗାଥାରେ
ଏ ମାଟି ପୂତ ପବିତ୍ର ।।

ଯୁଦ୍ଧ, ହିଂସା ରଚି ପିଶାଚ ସାଜଇ
ତାହାରି ଶ୍ରେଷ୍ଠ ସନ୍ତାନ
ପରମାଣୁ ବୋମା, ଗୁଳି, ବାରୁଦରେ
ବାଷ୍ପରୁଦ୍ଧ ତା'ର ପ୍ରାଣ ।।

ବୁକୁଫଟା ତା'ର ଅନ୍ତରର କୋହ
କାନ୍ଦେ ଗୁମୁରି ଗୁମୁରି
ସ୍ନେହ, ପ୍ରେମ, ନୀତି, ଅହିଂସା ଅସ୍ତ୍ରରେ
ଫେରିପାଇବ ତା' ଶିରୀ ।।

ପରିତ୍ରାଣ ଲଭିଥାନ୍ତି ସାଧୁଜନେ
ଏ ମାଟିରେ ହୋଇ ଜନ୍ମ
ଧରାବତରଣ କରିଥାନ୍ତି ପ୍ରଭୁ
ସଂସ୍ଥାପନା ପାଇଁ ଧର୍ମ ।।

ମୁକୁନ୍ଦପ୍ରସାଦ,
ଖୋର୍ଦ୍ଧା



# ମାଟି

ଜ୍ୟୋସ୍ନାରାଣୀ ପଟ୍ଟନାୟକ

ମାଟି! ସ୍ୱୟମ୍ଭୁ ଓ ସର୍ବଂସହା
ହୃଦୟ ତାହାର ଅନନ୍ତ ଉଦାର
ଆବୋରିଛି କେଉଁକାଳୁ ସାରାଜଗତ
ଯୋଗାଇ ସଭିଙ୍କୁ ଅମୃତ ଆହାର ।

ଜନନୀ ସେ, କୋଳେଇ ନେଇ
ଢାଳିଦିଏ ଅଜସ୍ର ସ୍ନେହ
ସାଇତିଛି କେତେ ଅମାପ ସମ୍ପଦ
ପ୍ରଗତି ପଥରେ ହୁଏ ସହାୟ ।

ସୁନା, ରୁପା, ହୀରା, ନୀଳା, ମୋତି, ମାଣିକ
କୋଇଲା ଇନ୍ଧନ ଯେତେ ଖଣିଜ ବିତ୍ତ
କେତେ ନଦନଦୀ ଅବା ସାଗର
ପାହାଡ଼ ବନାନୀ ସବୁ ତା' ଆଧାର ।

ବକ୍ଷ ବିଦାରି ଲଙ୍ଗଳ ମୁନରେ
ଚାଷୀ ଉପୁଯାଏ ସୁନାର ଫସଲ
ନିମିଷେ ବିନ୍ଧାଣି ଗଢ଼ିଥାଏ କେତେ
ସୁରମ୍ୟ ପ୍ରାସାଦରାଜି ବହୁତଳ ।

ବାରୁଦ ଗୋଳାରେ ପାହାଡ଼ ଫଟାଇ
ମାନବ ଆବୋରେ ଭୂମି ସମ୍ପଦ
ନିରବେ ନିଶ୍ଚଳେ ସହେ ଅତ୍ୟାଚାର
ଜଗତ ସୁଖରେ ପାଏ ଆମୋଦ ।

ମାଆ ମାଟି ଦୁହେଁ ସରଗଠୁ ବଡ଼
ଶୁଝିତ ହେବନି ଋଣ ତାଙ୍କର
ସଦା ପୂଜନୀୟା, ବନ୍ଦନୀୟା ସେ
ପ୍ରଣିପାତ କରେ ତାଙ୍କ ପୟର ।

ମଧୁସୁଦନ ନଗର,
ଖୋର୍ଦ୍ଧା

# ମାଟି

## ସୀମା ମେହେର

ମା' ତୁମେ ଅନ୍ନପୂର୍ଣ୍ଣା
ଜୀବନ, ଶ୍ମଶାନ
କରିଛ ପୃଥିବୀକୁ ସବୁଜ ସୁନ୍ଦର
କୋଟି କୋଟି ଜୀବକୁ ଧରି
ରହିଛ ସର୍ବଂସହା ହୋଇ।

ସ୍ୱାର୍ଥପର ହୋଇ ମଣିଷ
ତମ ପିଠିରେ କରିଛି ଗଭୀର କ୍ଷତ
ଶୋଷିଛି ପାଣି
ସବୁଜ ବନାନୀକୁ କରିଛି ପଦା
ତମକୁ ମାରିବାକୁ
ଦେଉଛି ରାସାୟନିକ ସାର
ପକାଉଛି କୀଟନାଶକ
କଳକାରଖାନା କରି
ଛାଡୁଛି ବିଷାକ୍ତ ବର୍ଜ୍ୟଜଳ।

ଜଳି ନିର୍ଯାତିତ ହେଉଛ ପ୍ରତି ମୁହୂର୍ତ୍ତ
ତଥାପି ତୁମେ ପରା ମା'
ମଣିଷ ପ୍ରତି କେତେ ଉଦାର
ଅଜାଡ଼ି ଦେଉଛ ଉଦର ପାଇଁ ଅନ୍ନ
ଦେଉଛ ବିଶୁଦ୍ଧ ଜଳ
ତମ ପାଇଁ ଏହି ପୃଥିବୀରେ ଜୀବ ଜଗତ
ନହେଲେ ଏହା ଅନ୍ୟ ଗ୍ରହ ପରି ହୋଇଥା'ନ୍ତା
ବୃକ୍ଷ, ଜୀବ ଶୂନ୍ୟ, ନିର୍ଜନ।

ବରଗଡ

# ମାଟି

**ବିଶ୍ୱନାଥ କର**

ବୋଧେ ସମାନ ମାଟି ଓ ମା'ଟି
ବୋଧେ ସମ ସହନଶୀଳା
ମାଆ ଓ ମାଟିର ଧରିତ୍ରୀ।

ପାଦ ଆମ ଶକ୍ତ ହୁଏ
ମାଟିର ଛାତିରେ ନାଚିକୁଦି
ପାଦ ଆମ ଚଳଚଞ୍ଚଳ ହୁଏ
ମାଆର ଛାତିରୁ ଅମୃତ ଝର ପିଇ
ଆମକୁ ଆଲୋକ ଦେଖାଇବାକୁ
ନିଜେ ଅନ୍ଧାର ପାଲଟି ଯାଏ।

କେବଳ ମାଆ
ଆମକୁ ଅନ୍ନ ଦେବା ପାଇଁ
ଆମ ଜୀବନ ବଞ୍ଚାଇବାକୁ
ହସି ହସି କ୍ଷତବିକ୍ଷତ ହୁଏ
ବିସ୍ତାରି ଦିଏ ଛାତି ପ୍ରାଚୀରୁ ପ୍ରତୀଚୀ।

ତା' ଲୁହରେ ହସ ଥାଏ ଆମ ଖୁସି ପାଇଁ
ସେ ମାଟି ହେଉ ଅବା ମାଆ ହେଉ
ହାତ ଧରି ଚଲେଇ ନିଏ
ତା' କଅଁଳ ଛୁଆଁରେ
ଜୀବନ ଆକାଶରେ ଇନ୍ଦ୍ରଧନୁ ଉଏଁ
ତୋଫା ଆଲୁଅରେ ଭରିଦିଏ
ଜୀବନ ଉଚ୍ଛ୍ୱାସ।

ସେ ମାଆ ସେ ମାଟି
ଦେଇଦେଇ ନିଃସ୍ୱ ହୁଏ ଖାଲି ସିନା
ଦୁଃଖ ନାହିଁ ଶୋଚନା ନାହିଁ
ପ୍ରତି ବଦଳରେ ଅପ୍ରାପ୍ତିର ବେଦନା ନାହିଁ
ସ୍ୱପ୍ନ ଦେଖେ ସ୍ୱପ୍ନ ଦେଖାଇବାର ଅଙ୍ଗୀକାର ନେଇ
ବଞ୍ଚେ କେବଳ ଆମକୁ ବଞ୍ଚାଇବାର ପ୍ରତିଜ୍ଞା ନେଇ।

ଆମେ କି ବୁଝୁଛେ
କେତେ ଲୁହରେ ଗଢ଼ା ଏ ମାଟି
ସହୁଛି ଆମର ସବୁରି ଲାଞ୍ଛନା ସହନଶୀଳତାରେ
ସେ ପରା ମାଆ... ମାଟି ମାଆ
ଆଉ ଦିଅନା ଲାଞ୍ଛନା
ତା'କୁ ପ୍ରଦୂଷଣର ଯନ୍ତ୍ରଣା
କେତେ ସେ ସହିବ ମାଆ ବୋଲି
ନିର୍ଜୀବ ମାଟି ବୋଲି ।

**ସାଇ କଲୋନୀ, ଦେଉଳସାହି,
ତୁଳସୀପୁର, କଟକ-୭୫୩୦୦୮**

# ଏଇ ମୋ' ମାଟି ମାଆ

## ସୁରାତ୍ରୀ ପ୍ରଧାନ

ସବୁଠୁ ବଡ଼ ମୋ' ମାଟି ମାଆ
ଏଇଠି ଜନ୍ମ ମୋ'ର
ଏ ଦେହ ଗଢ଼ା କୋଳରେ ତା'ର
ସିଏ କେତେ ନିଜର ।।

ତା' ଠାରୁ କେହି ସୁନ୍ଦର ନାହିଁ
ବଣ, ଜଙ୍ଗଲ, ନଈ
ତା' ମିଠା ଛୁଆଁ ଆମରି ପାଇଁ
ଦିଏ ଶୀତଳ ଛାଇ ।।

ତା' ବୃକ୍ଷରାଜି ପ୍ରାଣୀଙ୍କ ପାଇଁ
କେତେ ସୁବିଧା ଦିଏ
ପୋଖରୀ ଜଳ ଜୀବଜନ୍ତୁଙ୍କ
ଶୋଷ ମେଣ୍ଟାଇ ଥାଏ ।।

ଆକାଶ ବକ୍ଷେ ଚନ୍ଦ୍ର, ସୂର୍ଯ୍ୟ
ତାରକା ମେଳେ ରହି
ମାଟି ମାଆକୁ ଦେଇ ଆଲୋକ
ସୁବିଧା ଦିଏ ଯୋଗାଇ ।।

କେତେଯେ ପୀଠ ଦେବୀ ମନ୍ଦିର
ଦେବତା ଛନ୍ତି ରହି
ଆନନ୍ଦ ମନେ ହଜାଇ ମନ
ଯାଏ ଭକ୍ତିରେ ମୁଣ୍ଡ ନଇଁ ।।

ଗାଆଁ ପରବ ବଡ ଆମର
କେତେ ଯାତରା, ମେଳା
ସଂସ୍କୃତି ଆମ ବଜାୟ ଅଛି
ସିଏ ଆମର କଳା ।।

ମଧୁମୟରେ ଭରିଛି ଧରା
ସୁନ୍ଦର ମାଟି ମାଆ
ନିଜ ନିଜର କର୍ମ ରେ ରହି
ବଢ଼ାଇବା ତା' ନାଆଁ ।।

କୁସୁପୁର, ଗୋପ,
ପୁରୀ- ୭୫୨୧୧୦



# ମାଟି

**ବିଳାସିନୀ ଦାଶ**

ପହିଲି ବର୍ଷାର ଭିଜା ମାଟି ବାସେ
ଅନ୍ତର ଉଠେ ପୂରି
ସନ୍ତାନବତ୍ସଳା ମାଟି ମା' ମୋର
ସୁନ୍ଦର ଦିଶଇ ଭାରି
ସର୍ଜନର ଆଦିଶକ୍ତି
ତ୍ୟାଗରେ ଦେଦୀପ୍ୟ
ପ୍ରେମରେ ନିଃସର୍ତ୍ତ
ଜୀବନ ବେଦର ପଂକ୍ତି
ମାଟି ପାଇଁ
ସେନା ଲଢ଼ଇ ସୀମାନ୍ତେ
ମରଣକୁ ପଣ କରି।

ମାଟି ମଟାଳରେ ଘାଣ୍ଟି ହୁଏ ଚଷା
ମୁଣ୍ଡ ଝାଳ ତୁଣ୍ଡେ ମାରି
ମାଟି ଘଟ ପିଣ୍ଡ ଏଇ
ମାଟିରେ ଜନମି ମାଟିରେ ମରଇ
ମାଟି କୋଳେ ଯାଏ ଶୋଇ।

ମାଟିର ସ୍ୱରକୁ ଅନୁଭବୀ ଥିଲା
ସ୍ୱାଭିମାନୀ ମଧୁଦାସ
ମାଟି ପାଇଁ ସିନା ଦେବାଳିଆ
ତଳେ ପକାଇନି ନାକ ନିଶ
ଏ ମାଟିର କ୍ରାନ୍ତି ବୀର
ମୁକ୍ତି ସଂଗ୍ରାମରେ ଦେଇଥିଲେ ଝାସ
ବଳିଦେଇ ନିଜ ଶିର।

ମାଟିମୟ ପୃଥ୍ୱୀ ଜଳମଗ୍ନ କାଳେ
ଅଥଳ ସାଗର ନୀରେ
ବରାହ ରୂପରେ ଉଦ୍ଧରିଲେ ବିଷ୍ଣୁ
ଗାଥା ଅଛି ପୁରାଣରେ
ସରଗଠୁଁ ଉଚ୍ଚ ସିଏ
ସର୍ବସ୍ୱ ଅଜାଡ଼େ ସନ୍ତାନର ହିତେ
ତାହାଠାରୁ ବଡ଼ କିଏ
ମାଟିଠାରୁ ସୃଷ୍ଟ ବିଶାଳ ପ୍ରକୃତି
ନଦନଦୀ ପରବତ
କାନନ ବିତାନେ ସ୍ଥାବର ଜଙ୍ଗମ
ପଶୁପକ୍ଷୀ ସୁଖେ ରତ।

ମାଧ୍ୟାକର୍ଷଣର ବଳେ
ଏ ମାଟି ବାନ୍ଧିଛି ଜୀବଜଗତକୁ
ତା' ଇଛା ଶକ୍ତିର ମୂଳେ
କଳା ଧଳା ପୀତ ଲୋହିତ
ନାନାଦି ରଙ୍ଗେ ରଙ୍ଗାୟିତ ମାଟି
ମାଟିର ସ୍ଥପତି ଗଢ଼େ ମୂର୍ତ୍ତି
ପାତ୍ର କେତେ ବାଗେ ଚିତ୍ର କାଟି
ମାଟି କୁହ୍ମାର ଭାଗ୍ୟ
ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦକୁ
ଗର୍ଭେ ଧରିବାକୁ ଯୋଗ୍ୟ।

ମାଟିପାଇଁ ଭାଇ ଭଗାରି ସାଜଇ
କୁରୁ-ପାଣ୍ଡବଙ୍କ ପରି
ଋଷ-ଇଉକ୍ରେନେ ନରମେଧ ଯଜ୍ଞ
ପିଶାଚ ଖେଳନ୍ତି ହୋରି
ଇସ୍ରାଏଲ ଓ ହମାସ
ମାରଣାସ୍ତ୍ରମାନ ଦାନବ ସମାନେ
ମଣିଷ କରୁଛି ନାଶ।

ହଜାର ହଜାର ବରଷ ବିତଇ
ମାଟିର ଗଢ଼ଣ ପାଇଁ
ପ୍ରଦୂଷଣ ବିଷେ ଜର ଜର ହୋଇ
କାନ୍ଦେ ମାଟି କଇଁ କଇଁ
କଂକ୍ରିଟର ଜଙ୍ଗଲରେ
ଶ୍ୱାସରୁଦ୍ଧ ଘାତେ ଭାଗ୍ୟକୁ ନିନ୍ଦଇ
କପାଳରେ କର ମାରେ।

ମାଟି ବୋଲି ତାକୁ ଭାବ ନାହିଁ
ସେତ ଜୀବନ୍ତ ଈଶ୍ୱରୀ ସତ୍ତା
ପଞ୍ଚଭୂତେ ପୁଷ୍ଟ କରି ଏ ଶରୀର
ଭରି ଅଛି ବୁଦ୍ଧିମତ୍ତା
କୋଟି ଦଣ୍ଡବତ ମାଟିକୁ
ତାହାର ସୁରକ୍ଷା ଆମର ଶପଥ
ଭାଙ୍ଗିବାନି କେବେ ତାହାକୁ।

ମଧୁସୂଦନ ନଗର, ଖୋର୍ଦ୍ଧା

# ମାଟି

ପ୍ରତିମା ମହାରଣା



ଯା' ପାଣି ପବନେ ଗଢ଼ା ଏ ଶରୀର
ସିଏ ମୋ' ଜନମ ମାଟି
ଯତନେ ସାଇତି ରଖିଛି ଦରବ
ଯୋଗାଇଛି ସବୁ କିଛି ॥
କାହିଁ କେଉଁ ଯୁଗୁଁ ସହିଅଛି ସବୁ
ଅଜାଡି ଅମୃତ ବାରି
ଜାତିଜାତି ଫଳ ଫୁଲ ଭରିଅଛି
ବାହିଛି ଜୀବନ ତରି ॥
ଏ ମାଟି ଚନ୍ଦନ ବିଭୁତି ସମାନ
ମଥା ଯାଏ ଆପେ ନଇଁ
ସୁଜଳା ସୁଫଳା ଶସ୍ୟ ଶ୍ୟାମଳା
ପୁଣ୍ୟ ମୋ' ଭାରତ ଭୂଇଁ ॥
ଆଧୁନିକ ହୋଇ ଅତ୍ୟାଚାରୀ ନର
ମାଟିକୁ କରେ ଶ୍ରୀହୀନ
ଜଙ୍ଗଲ ବିହୀନ ପଶୁପକ୍ଷୀ ଆଜି
ବୁଲନ୍ତି ସାରା ଭୁବନ ॥

ଧନଜନ କ୍ଷୟକ୍ଷତି ଏ ସମାଜେ
ପାଦେପାଦେ ଭରା କଣ୍ଟା
ଭାରସାମ୍ୟ ହରାଇଣ ଏଇ ମାଟି
ଭୂକମ୍ପେ ଦିଅଇ ଝଟକା ॥
ସୂଚୀଅଗ୍ରେ ମାଟି ନ ଦେଇଥିବାରୁ
ହୋଇଲା ମହାଭାରତ
ମାଟିର ସୁରକ୍ଷା ମାଟିର ଯତନ
ସଭିଏଁ କରିବା ଆସ ॥
ମା' ମାଟିଠାରୁ ନୁହେଁ କେହି ବଡ଼
ସେ ଆମ ପରାଣ ଧନ
ଭୁଲି ରାଗ ହିଂସା ପୂଜିବା ମାଟିକୁ
ସେ ପରା ମାଆ ସମାନ ॥
ଗଛ ଲଗାଇବା ସୃଷ୍ଟି ବଞ୍ଚାଇବା
ସଚେତନ ବାର୍ତ୍ତାବାହୀ
ଆମ ପରିବେଶ ହୋଇଲେ ସୁନ୍ଦର
ଚମକିବ ମର୍ତ୍ତ୍ୟଭୂଇଁ ॥

କୋରାପୁଟ



# ମୁଠାଏ ମାଟି

ସସ୍ମିତା ସାହୁ

କେଜାଣି କାହିଁକି ??
ଏ ମାଟିର ମହକରେ ମୁଁ ମହକିତ....
ମୋ'ର ସୃଷ୍ଟି ଓ ବିଳୟରେ ଏଇ ମାଟି ମାଆ
ପ୍ରଣମ୍ୟ ଏଇ ମାଟି ମାଆର ପାଦ ତଳେ
କୋଟି କୋଟି ନମନ.....
ଜନ୍ମଦାତ୍ରୀ ପରଷେ ଅମୃତ,
କିନ୍ତୁ ଏ ମାଟି ମାଁ ଆଜୀବନ
ତା' ଛାତି ଚିରି ଦେଉଥାଏ
ତା' ସନ୍ତାନ ପାଇଁ ଜୀବନ ଅମୃତ,
ତା' ଦାନ ଆମ ପାଇଁ ଅତୁଳନୀୟ ........
ଅବର୍ଣ୍ଣନୀୟ ତା'ର ଗାଥା......
ଆଜି ବହୁତ ଇଚ୍ଛା ହୁଏ.....
ମୁଁ ଲୀନ ହୋଇ ଯାଆନ୍ତି କି ଏ ମାଟିରେ !!
ହେଇଯାଆନ୍ତି କି ମୁଠାଏ ମାଟି.....
ସାରା ଦୁନିଆରେ ବାଣ୍ଟି ଦିଅନ୍ତି
ଅମୃତର ପରମ ତୃପ୍ତି.....!!!

ମୈତ୍ରୀବିହାର,
ଖୋର୍ଦ୍ଧା



# ଜନ୍ମମାଟିର ଜୟଗାନ

ଡ. ଶରଚ୍ଚନ୍ଦ୍ର ମହାପାତ୍ର

ମାତୃଗର୍ଭୁ ଯେବେ ଲଭିଲି ମୁକତି
ସ୍ନେହରେ କୋଳକୁ ନେଲା ମା' ଧରିତ୍ରୀ।
ତା' ପାଣି ପବନ ବିମଳ ଆଲୋକ
ଫୁଟାଇଲା ମୋ'ର ନେତ୍ରରେ ଝଲକ।
ସ୍ଫୁରିଲା ଗଳାରୁ ବଚନ ମଧୁର
ଦେଖି ମୁଗ୍ଧ ହେଲି ସୁନୀଳ ଅମ୍ବର।
ଦିଗନ୍ତ ବିସ୍ତାରୀ କଳେବର ତା'ର
ନଦୀ, ବନ, ଗିରି, ସବୁଜ କେଦାର।
ଏ ରୂପେ ଧରିତ୍ରୀ ଚିର ବନ୍ଦନୀୟା
ଜନ୍ମଦାତ୍ରୀ ମାତୃସମ ସର୍ବଂସହା।
ଶେଷ ଆଶ୍ରୟ ମୁଁ ଲଭିବି ତା' କୋଳେ
ମାଟି କଳେବର ମିଶିବ ମାଟିରେ।
ମାତୃଭୂମି ମୋ'ର ସରଗଠୁ ବଡ
ସୁଝି କି ପାରିବି ତା'ର ଉପକାର।
ତା' ଚରଣ ତଳେ ଜଣାଏ ପ୍ରଣତି
କେତେ ଯେ ପବିତ୍ର ମୋ'ର ଜନ୍ମମାଟି।
ଏଠି ବିରାଜିତ ନୀଳାଦ୍ରି ବିହାରୀ
ପ୍ରଭୁଙ୍କ ଚରଣେ ଏତିକି ଗୁହାରି।
ସମସ୍ତଙ୍କୁ ପ୍ରଭୁ ରଖନ୍ତୁ ସୁଖରେ
କୋଟି ଦଣ୍ଡବତ ତାହାଙ୍କ ପୟରେ।

ମଙ୍ଗଳ ନଗର,
ଖୋର୍ଦ୍ଧା

OPEN

Home Delivery
available

# TASTY DOTS

## MORE FOOD, MORE LIFE



TANDOOR



BIRYANI



CHINESE




INDIAN

## VISIT AGAIN

Place your Order
9777030560

M5/23, Near Essura Drug House
Acharya Vihar, Bhubaneswar



ଡ. ପ୍ରମୋଦ ଚନ୍ଦ୍ର ଦାଶ
ମାର୍ଗଦର୍ଶକ



ନିଶିକାନ୍ତ କହଲସିଂହ
ସମ୍ପାଦକ



ସମରଜିତ୍ ପଟ୍ଟନାୟକ
ଉପଦେଷ୍ଟା



ବାବାଜୀ ଜେନା
ଉପଦେଷ୍ଟା




ବିଭୂପ୍ରସାଦ ହରିଚନ୍ଦନ
ଉପଦେଷ୍ଟା



ତ୍ରିଲୋଚନ ଦାସ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ରଶ୍ମିତା ନାୟକ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ବାସନ୍ତୀ ଦେଈ
ସହଯୋଗୀ ସମ୍ପାଦକ